ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମୀଣ ବିକାଶ

ପାଠ୍ୟକ୍ରମ - ୦୫

ଗ୍ରାମୀଣ ସମ୍ବଳ ପରିଚାଳନା

ବ୍ଲକ

୫

## ମହିଳାମାନଙ୍କ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ

ପ୍ରଥମ ଏକକ

ସ୍ୱୟଂ ସହାୟକ ଦଳ ଏବଂ କ୍ଷୁଦ୍ର ଅର୍ଥ ବ୍ୟବସ୍ଥା: ସଞ୍ଚୟ ଓ ଋଣ ବ୍ୟବସ୍ଥା ଗ୍ରାମ୍ୟ ମହିଳାମାନଙ୍କର ବିକାଶ ନିମନ୍ତେ ଏକ ଉପକରଣ

ଦ୍ୱିତୀୟ ଏକକ

ଅଭିଜ୍ଞତା–ଗ୍ରାମୀଣ(GRAMEEN),ସେବା(SEWA),ମାଇରାଡ଼ା (MYRADA): ଅଭିଜ୍ଞତା

**ବିଶେଷଜ୍ଞ ପରିଷଦ**

ଶ୍ରୀ ଜଗଦାନନ୍ଦ
ପୂର୍ବତନ ରାଜ୍ୟ ସୂଚନା କମିଶନର, ଓଡ଼ଶା,
ବିଶେଷ ଉପଦେଷ୍ଟା ତଥା ସହ-ପ୍ରତିଷ୍ଠାତା,
ସିଓ୍ୱାଇଏସ୍‌ଡି,ଭୁବନେଶ୍ୱର, ଓଡ଼ିଶା (ଚେୟାରମ୍ୟାନ୍)

ଡକ୍ଟର ଶ୍ରୁତି ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ,
ରାଜ୍ୟ ଭିନ୍ନକ୍ଷମ ସୂଚନା ଏବଂ ଉସ୍ର କେନ୍ଦ୍ର
ଭୁବନେଶ୍ୱର, ଓଡ଼ିଶା (ସଦସ୍ୟ)

ଡକ୍ଟର ଧର୍ମବ୍ରତ ମହାପାତ୍ର
ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ଗ୍ରାମୀଣ ବିକାଶ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡିଶା (ସଦସ୍ୟ)

ଡକ୍ଟର. ଏମ୍.ଜି ବାଗେ
ଆସୋସିଏଟ୍ ପ୍ରଫେସର, ଗ୍ରାମ୍ୟ ଉନ୍ନୟନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା (ସଦସ୍ୟ)

ଶ୍ରୀମତୀ ଦୀପ୍ତି ରାୟ
ସହକାରୀ ପ୍ରଫେସର, ଗ୍ରାମାଞ୍ଚଳ ପରିଚାଳନା ବିଭାଗ,
(ନିଶ୍ୱାସ) ଭୁବନେଶ୍ୱର, ଓଡ଼ିଶା (ସଦସ୍ୟ)

ଡକ୍ଟର ରବୀନ୍ଦ୍ର ଗରଡା
ଆସୋସିଏଟ୍ ପ୍ରଫେସର, ଗ୍ରାମ୍ୟ ଉନ୍ନୟନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା (ସ୍ୱତନ୍ତ୍ର ନିମନ୍ତ୍ରଣକାରୀ)

ଡକ୍ଟର ଏସ୍.ଟି ରେହମାନ
ଶୈକ୍ଷିକ ପରାମର୍ଶଦାତା (ଗ୍ରାମୀଣ ବିକାଶ),
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା (ଆବାହକ)



**ଅନୁବାଦ ଓ ଡି.ଟି.ପି:**
ରଘୁନାଥ ମଣ୍ଡଳ, ଅଧ୍ୟାପକ, ଆଇ.ଏମ୍.ଏସ୍, ଭୁବନେଶ୍ୱର

**ସମ୍ପାଦକ:** ଡକ୍ଟର ବିଳାଶ ଚନ୍ଦ୍ର ମନ୍ତ୍ରୀ
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା

**ପ୍ରଚ୍ଛଦ ଓ ଅଳଙ୍କରଣ:** ଅଭିନନ୍ଦନ ତ୍ରିପାଠୀ, ଧନଶ୍ରୀ ମିଶ୍ର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା

**ପ୍ରକାଶକ**

ଡ. ମାନସ ରଞ୍ଜନ ପୂଜାରୀ
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2021 **Mahilamanka pain bikashmulaka karjyakrama** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

## ପ୍ରଥମ ଏକକ

# ସ୍ୱୟଂ ସହାୟକ ଦଳ ଏବଂକ୍ଷୁଦ୍ର ଅର୍ଥ ବ୍ୟବସ୍ଥା: ସଞ୍ଚୟ ଓ ଋଣ ବ୍ୟବସ୍ଥା ଗ୍ରାମ୍ୟ ମହିଳାମାନଙ୍କର ବିକାଶ ନିମନ୍ତେ ଏକ ଉପକରଣ

**ବିଷୟ ଗଠନ:**


୧.୦ ପଠନର ଉଦ୍ଦେଶ୍ୟ

୧.୧ ସ୍ୱୟଂ ସହାୟକ ଦଳ ଉପକ୍ରମ

୧.୨ ସ୍ୱୟଂ ସହାୟକ ଦଳ: ଧାରଣା/ସଂଜ୍ଞା

୧.୩ ସ୍ୱୟଂ ସହାୟକ ଦଳର ବୈଶିଷ୍ଟ୍ୟ

୧.୪ ସ୍ୱୟଂ ସହାୟକ ଦଳର କାର୍ଯ୍ୟ ପ୍ରଣାଳୀ

୧.୫ ସ୍ୱୟଂ ସହାୟକ ଦଳର ଉପକାରିତା

୧.୬ କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥାର ମୂଳତତ୍ତ୍ୱ

୧.୭ ସାରାଂଶ

୧.୮ ସହାୟକ ଗ୍ରନ୍ଥସୂଚୀ


## ୧.୦ ପଠନର ଉଦ୍ଦେଶ୍ୟ

**ଏହି ଏକକ ସମାପ୍ତି ପରେ ବିଦ୍ୟାର୍ଥୀ ଗଣ ନିମ୍ନଲିଖିତ ବିଷୟ ଗୁଡ଼ିକ ବିଷୟରେ ଜାଣିପାରିବେ ଯଥା;**

- **ସ୍ୱୟଂ ସହାୟକ ଦଳର ମୂଖ୍ୟ ଧାରଣା**
- **ସ୍ୱୟଂ ସହାୟକ ଦଳର ବୈଶିଷ୍ଟ୍ୟ**
- **ସ୍ୱୟଂ ସହାୟକ ଦଳର କାର୍ଯ୍ୟକ୍ଷମତା ଏବଂ କାର୍ଯ୍ୟଶୈଳୀ**

## ୧.୧ ସ୍ୱୟଂ ସହାୟକ ଦଳ: ଉପକ୍ରମ

ସାରା ବିଶ୍ୱ ହୃଦୟଙ୍ଗମ କରିପାରିଛି, ଦାରିଦ୍ର୍ୟକୁ ସମାଧାନ କରିବାର ଉତ୍ତମ ରାସ୍ତା ଏବଂ ଗୋଷ୍ଠୀ ସକ୍ଷମତାରେ ସାମାଜିକ ଗତିଶୀଳ ଜିଆରେ ଗୁଣାତ୍ମକ ଜୀବନ ଶୈଳୀ ବିକାଶ ହୋଇପାରିବ। ମୂଖ୍ୟତଃ ମହିଳା ସ୍ୱୟଂ ସହାୟକ ଦଳ ଏବଂ ଏହାର ଅର୍ନ୍ତଭୁକ୍ତ ନିତାନ୍ତ ଜରୁରୀ ଅଟେ। ସ୍ୱାଧିନତା ପରଠାରୁ ଆମ ଦେଶର ମହିଳା ମାନଙ୍କ ଉନ୍ନତି ସାଧନ କରିବାପାଇଁ ଅନେକ ଅଭିନବ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରାଯାଇ ଆସୁଛି। ଆନୁଷ୍ଠାନିକ ଆର୍ଥିକ ସହାୟତା ଓ ବିକାଶ କାର୍ଯ୍ୟକ୍ରମ ସୁଦୃଢ଼ କରିବା ପାଇଁ ଭାରତ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ଅଧିକନ୍ତୁ ଆଇନଗତ ଆର୍ଥିକ ସହାୟତା ଅନୁଷ୍ଠାନ ଗୁଡ଼ିକ

ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଖରେ ପହଞ୍ଚିବା ପାଇଁ ଅନେକ ସମସ୍ୟା ପରିଲିଖିତ କରୁଛନ୍ତି । ଗ୍ରାମାଞ୍ଚଳର ଆବଶ୍ୟକତାକୁ ପରିବର୍ତ୍ତନଶୀଳ ପ୍ରଣାଳୀରେ ସମାଧାନ କରାଯାଇ ପାରିବ ।

ନବମ ପଞ୍ଚବାର୍ଷିକ ଯୋଜନାର ବିକାଶ ମୂଳକ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଭାରତ ସରକାର ବିକାଶର ସଂଜ୍ଞାକୁ ସଶକ୍ତିକଣରେ ପରିବର୍ତ୍ତନ କରି ଗ୍ରାମାଞ୍ଚଳର ଦାରିଦ୍ର୍ୟ ସୀମାରେଖାରେ ଥିବା ଜନସାଧାରଣଙ୍କର ବିକାଶ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆଧାରିତ କଲେ । ମହିଳା ସଶକ୍ତିକରଣ ପାଇଁ ସ୍ୱୟଂ ସହାୟକ ଦଳ ଜରିଆରେ ବ୍ୟକ୍ତିଗତ ଓ ଦଳଗତ ଭାବେ ମହିଳା ଅନେକ ଲାଭବାନ ହୋଇ ପାରିବେ । ଏହା ବ୍ୟତୀତ ଦଳଗତ ପ୍ରଚେଷ୍ଟା ଦ୍ୱାରା ପାରିବାରିକ ଓ ଗୋଷ୍ଠୀ ଭିତ୍ତିକ ବିକାଶ ସମ୍ଭବ ହୋଇପାରିବ । ସଶକ୍ତିକରଣ କେବଳ ଲୋକଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ସାଥେ ସାଥେ ସର୍ବାଙ୍ଗିନ ସାମାଜିକ ବିକାଶ ମଧ୍ୟ ସାଧନ କମିପାରିବ । ସ୍ୱୟଂ ସହାୟକ ଦଳର ମୂଳ ସଂଜ୍ଞାଟି ବଙ୍ଗଳା ଦେଶରୁ ଆଧାରିତ, ଯେଉଁଠାରେ ସ୍ୱୟଂ ସହାୟକ ଦଳଗୁଡ଼ିକ ବଙ୍ଗଳା ଦେଶ ଗ୍ରାମ୍ୟ ବ୍ୟାଙ୍କ ନାମରେ ବ୍ୟାଙ୍କ ସ୍ଥାପନ କରି ପାରିଛନ୍ତି । ଅଧ୍ୟୟନ ଓ ଗବେଷଣାର ଫଳାଫଳ ଭିତ୍ତିରେ ନାବାର୍ଡ଼ ସ୍ୱୟଂ ସହାୟକ ଦଳ ଗଠନ କରି ଅନ୍ତଃସ୍ଥଳ ଯୋଜନା ପ୍ରକାରେ ବ୍ୟାଙ୍କ ସୟଯୋଗ ବ୍ୟବସ୍ଥା ଭିତ୍ତିକ ପ୍ରଣାଳୀ ଜରିଆରେ ଭାରତ ବର୍ଷରେ ଗରିବ ଶ୍ରେଣୀ ଲୋକଙ୍କ ପାରେ ଅଧିକରୁ ଅଧିକତର ପହଞ୍ଚିବାର ପ୍ରୟାସ କଲେ । ବର୍ତ୍ତମାନ ସାରା ଭାରତରେ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଦଳ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇ "ମିଶନ ଶକ୍ତି" ଜରିଆରେ କାର୍ଯ୍ୟକାରୀ ହୋଇ ଆସୁଛି । ଯାହାଦ୍ୱାରା ମହିଳା ସଶକ୍ତିକରଣ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ୨୦୦୫ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏକଲକ୍ଷ ସ୍ୱୟଂ ସହାୟକ ଦଳକୁ କ୍ଷୁଦ୍ର ଆର୍ଥିକ ସହାୟତା ପ୍ରଦାନ କରିବା ଯୋଜନା ରଖିଛନ୍ତି । ସରକାର, ନାବାର୍ଡ଼ ଓ ମିଶନଶକ୍ତି ନିର୍ଦ୍ଦେଶାଳୟର ମିଳିତ ଉଦ୍ୟମରେ ଗରୀବ ମହିଳା ମାନଙ୍କ ଅଂଶ ଗ୍ରହଣକୁ ନିଶ୍ଚିତ କରି ପ୍ରଗତିଶୀଳ ସମାଜ ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି ।

## ୧.୨ ସ୍ୱୟଂ ସହାୟକ ଦଳର ଧାରଣା ଓ ସଂଜ୍ଞା

ଗୋଟିଏ ସ୍ୱୟଂ ସହାୟକ ଦଳ ଅର୍ଥାତ୍ ଅନ୍ତତଃ ୨୦ ଜଣ ସମଚିନ୍ତାଧାରା ଶ୍ରେଣୀର ମହିଳାମାନେ ଏକତ୍ରୀତ ହୋଇ ତାଙ୍କର ସାଧାରଣ ସମସ୍ୟା ଗୁଡ଼ିକକୁ ଚିହ୍ନଟ କରି ଲୋକ ଲୋଚନକୁ ଆଣି ପାରୁଥିବେ । ସେମାନେ ଧାରାବାହିକ ଭିତରେ ସ୍ୱେଚ୍ଛାକୃତ ଭାବେ ମିତବ୍ୟୟ ପାଇଁ ପ୍ରେତ୍ସାହିତ ହେଉଥିବେ । ତାଙ୍କର ଏକତ୍ରୀତ ସମ୍ବଳକୁ ସ୍ୱଳ୍ପ ସୁଧରେ ତାଙ୍କ ମଧ୍ୟରେ ଋଣ କାରବାର କରୁଥିବେ । ଏହି ପ୍ରଣାଳୀ ତାଙ୍କ ମଧ୍ୟରେ ଦେଖା ଯାଉଥିବା ଅତି ଆବଶ୍ୟକତାକୁ ପୂରଣ କରୁଥିବ ଏବଂ ନିତି ନିର୍ଦ୍ଧାରିତ ପ୍ରକାରେ ହିସାବ କିତାକୁ ରଖି ପାରୁଥିବେ । ଏହା ଧିରେ ଧିରେ ତାଙ୍କ ମଧ୍ୟରେ ଆର୍ଥିକ ଶୃଙ୍ଖଳାର ବିଶ୍ୱାସ ସୃଷ୍ଟି କରିବ ଯାହା ଫଳରେ ସଞ୍ଚିତ ଟଙ୍କାର ଧାର କାରବାର ଅନେକ ସମସ୍ୟା ମଧ୍ୟରୁ ନିଜ ହସ୍ତ ଉପାର୍ଜିତ ଟଙ୍କା ସଞ୍ଚିତ କରିପାରିବେ । "ଏହା ତାଙ୍କର ଉପାର୍ଜିତ ଟଙ୍କା" ବ୍ୟକ୍ତିଗତ ଦକ୍ଷତା ଭିତ୍ତିରେ ସେମାନେ ସମ୍ବଳର ଦାୟିତ୍ୱବୋଧକ କାରବାରକୁ ଶିଖି ପାରିବେ ।

ସ୍ୱୟଂ ସହାୟକ ଦଳର ସଭ୍ୟାମାନେ ତାଙ୍କର ସମିତି ସମ୍ବଳର ମୂଲ୍ୟକୁ ପ୍ରଶଂସା କରୁଥିବେ । ଯଦି ଦଳ ଗୁଡ଼ିକ ତାଙ୍କର ଆର୍ଥିକ କାରବାର ବ୍ୟବସ୍ଥାକୁ ଠିକେ ଭାବେ ପ୍ରଦର୍ଶନ କରନ୍ତି ତେବେ ତାଙ୍କ ସଞ୍ଚିତ

ପାଣ୍ଠି ଟଙ୍କାକୁ ଆଧାର କରି ବ୍ୟାଙ୍କ ଋଣ ପ୍ରଦାନ ପାଇଁ ଉତ୍ସାହିତ କରେ। ବ୍ୟାଙ୍କ କମ୍ ସୁଧରେ ଦଳ ଗୁଡ଼ିକୁ ଋଣ ପ୍ରଦାନ କରେ। ସୁଧ ପରିଶୋଧ ପାଇଁ ବ୍ୟଙ୍କ ସରଳ ଉପାୟ ଧାର୍ଯ୍ୟ ରଖିଛି, ଯାହା ଫଳରେ ଦଳର ସମସ୍ତ ସଭ୍ୟା ବିଶ୍ୱାସ ଏହାର ଭାଜନ ହୋଇ ପାରିଛନ୍ତି। ବାହାରୁ ପାଉଥିବା ଅର୍ଥ ରାଶି ମୂଳ ସଂଚିତ ଅର୍ଥରେ ମିଶି ଦଳକୁ ମଜଭୁତ୍ ସଂଗଠନର ପ୍ରକ୍ରିୟା ସୃଷ୍ଟିକରେ ଯାହା ଫଳରେ ଦଳର ସମସ୍ତ ସଭ୍ୟା ଶୃଙ୍ଖଳିତ ଋଣ କାରବାର ପାଇଁ ସକ୍ଷମ ହୁଅନ୍ତି। ଶୃଙ୍ଖଳିତ ଋଣ କାରବାରର ଅଭିଜ୍ଞତା ଦଳର ସଭ୍ୟାମାନେ ନିର୍ଦ୍ଧାରିତ ସଂଚୟ ଓ ଋଣ ପରିଷୋଧ ପାଇଁ ନିଷ୍ପତ୍ତି ନିଅନ୍ତି। ଦଳର ଶୃଙ୍ଖଳିତ ସୁଯୋଗ ଚାପ ଠିକ୍ ସମୟସୀମା ମଧ୍ୟରେ ଋଣ ପରିଶୋଧ ପାଇଁ ସୁଯୋଗ ସୃଷ୍ଟି କରେ।

## ୧.୩ ସ୍ୱୟଂ ସହାୟକ ଦଳର ବୈଶିଷ୍ଟ୍ୟ

✓ ଗୋଟିଏ ଆଦର୍ଶ ସ୍ୱୟଂ ସହାୟକ ଦଳର ଆକାର ୧୦ ରୁ ୨୦ ଜଣ ସଭ୍ୟଙ୍କୁ ନେଇ।

✓ ଦଳ ପଞ୍ଜିକୃତ ହେବା ଆବଶ୍ୟକ।

✓ ଗୋଟିଏ ପରିବାରରୁ ଜଣେ ମାତ୍ର ସଭ୍ୟ ଦଳରେ ସାମିଲ ହୋଇ ପାରିବେ।

✓ ମହିଳାମାନଙ୍କୁ କିମ୍ବା ପୁରୁଷଙ୍କୁ ନେଇ ଦଳ ଗଠନ କରାଯାଇ ପାରିବ।

✓ ସାଧାରଣତଃ ମହିଳାମାନେ ଭଲ ପ୍ରଦର୍ଶନ କରିପାରନ୍ତି।

✓ ସମସ୍ତ ସଭ୍ୟାମାନଙ୍କର ସମାନ ସାମାଜିକ ଓ ଆର୍ଥିକ ଭିତ୍ତିଭୂମି ଥିବା ଆବଶ୍ୟକ।

✓ ଧାରାବାହିକ ଭାବେ ଦଳର ବୈଠକ ଅନୁଷ୍ଠିତ ହେଉଥିବା ଆବଶ୍ୟକ।

✓ ସଭାରେ ସମସ୍ତ ସଭ୍ୟାଙ୍କର ଉପସ୍ଥିତି ବାଧ୍ୟତାମୂଳକ।

- **ସ୍ୱୟଂ ସହାୟକ ଦଳର ନଥିପତ୍ର:**

✓ ଦଳର ସମସ୍ତ କାରବାର ପାଇଁ ନଥିପତ୍ର ପ୍ରସ୍ତୁତିର ଆବଶ୍ୟକ।

✓ ଯଦି ଦଳର ସଭ୍ୟା ନଥିପତ୍ର ପ୍ରସ୍ତୁତି ପାଇଁ ଅକ୍ଷମ ଅଟନ୍ତି ତେବେ ଦଳ ମଧ୍ୟରୁ ଯେ କୌଣସି ଜଣେ ସଭ୍ୟାଙ୍କୁ ଏହି ଉଦ୍ଦେଶ୍ୟରେ ଚୟନ କରାଯାଇପାରିବ।

✓ ଏ କ୍ଷେତ୍ରରେ ଆନିମେଟରଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଏ।

- **ବୈଠକର ବିବରଣୀ:**

ଦଳରେ ସମସ୍ତ ବୈଠକର ବିଷୟବସ୍ତୁ, ନିତି ନିର୍ଦ୍ଧାରଣ, ସଭ୍ୟାଙ୍କ ନାମ, ସଂଖ୍ୟା ଓ ଦସ୍ତଖତକୁ ରେକର୍ଡ଼ କରି କରାଯାଏ।

- **ସଂଚୟ ଓ ଋଣ ରେଜିଷ୍ଟର:**

ଦଳର ସଂଚୟ ପୃଥକ ଭାବେ ଲିପିବଦ୍ଧ କରାଯାଏ ଏବଂ ବ୍ୟକ୍ତିଗତ ଋଣ, ଋଣ ପରିଶୋଧ, ସଂଗୃହୀତ କଳନ୍ତର ଓ ମୋଟ ରାଶିର ପରିମାଣକୁ ଏଠାରେ ଲିଖିତ ରଖାଯାଏ।

- **ସାପ୍ତାହିକ ରେଜିଷ୍ଟର:**

ଦଳରେ ଦେଣ ନେଣର ସାରମର୍ମକୁ ସାପ୍ତାହିକ ଭାବେ ପ୍ରସ୍ତୁତ କରି ପ୍ରତ୍ୟେକ ବୈଠକରେ ଉପସ୍ଥାପନ କରି ସମୂହ ଭାବେ ନିଷ୍ପତି ଗ୍ରହଣ କରାଯାଏ।

- **ସଭ୍ୟାଙ୍କ ସଂଚୟ ବହି:**

ସଭ୍ୟାଙ୍କର ବ୍ୟକ୍ତିଗତ ସଂଚୟ ବହି ନିୟମିତ ସଂଚୟ କରିବା ପାଇଁ ପ୍ରୋତ୍ସାହନ କରେ।

## ୧.୪ ସ୍ୱୟଂ ସହାୟକ ଦଳର କାର୍ଯ୍ୟ ପ୍ରଣାଳୀ

**କ) ସଂଚୟ ଏବଂ ବ୍ୟୟ: ଆୟର ପ୍ରଥମ ବ୍ୟୟ ହେଉଛି ସଞ୍ଚୟ।**

ସ୍ୱଳ୍ପ ରାଶି ହୋଇପାରେ କିନ୍ତୁ ଦଳର ସମସ୍ତ ସଭ୍ୟାଗଣ ନିୟମିତ ସଂଚୟ କରିବା ଦରକାର।

"ପ୍ରଥମେ ସଂଚୟ ଓ ତା ପରେ ଋଣ" ଦଳର ସମସ୍ତ ସଭ୍ୟାଙ୍କର ଏହି ଉଦ୍ଦେଶ୍ୟ ହେବା ଆବଶ୍ୟକ। ଦଳର ବଡ଼ ସଂଚୟ ପାଣ୍ଠିକୁ କାରବାର କରିବା ପାଇଁ ସମସ୍ତ ସଭ୍ୟା ଶିଖିବା ଉଚିତ୍। ଯାହାକି ବ୍ୟାଙ୍କ ଋଣ କାରବାର ପାଇଁ ସାହାଯ୍ୟ କରିବ।

**ଖ) ଅଭ୍ୟନ୍ତରୀଣ ଋଣ:**

✓ ସଂଚୟ ସଭ୍ୟାଙ୍କ ଋଣ ଦେବାରେ ବ୍ୟବହାର ହୁଏ।

✓ ଋଣର ଉଦ୍ଦେଶ୍ୟ, ପରିମାଣ ଓ କଳନ୍ତର ଇତ୍ୟାଦି ଉପରେ ଦଳ ନିଷ୍ପତି ନେବ।

✓ ଋଣର ସଠିକ ହିସାବ ଦଳରେ ରଖାଯାଏ।

✓ ଯେ କୌଣସି ବ୍ୟାଙ୍କରେ ଦଳର ସଂଚୟ ହିସାବ ଖାତା ଖୋଲାଯିବ।

✓ ଦଳର ସଭ୍ୟାଗଣ ବ୍ୟାଙ୍କ ଋଣ ପାଇବା ଓ ପରିଶୋଧ କରିବା ପାଇଁ ସକ୍ଷମ ହେବେ।

**ଗ) ସମସ୍ୟା ଗୁଡ଼ିକର ଆଲୋଚନା:**

ପ୍ରତ୍ୟେକ ସଭାରେ ସଭ୍ୟାମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇ ସମାଧାନର ରାସ୍ତା ପରଖା ଯାଏ।

## ୧.୫ ସ୍ୱୟଂ ସହାୟକ ଦଳର ଉପକାରୀତା

**କ) ସଂଚୟ ଓ ବ୍ୟୟର ଅଭିବୃଦ୍ଧି:**

ନିର୍ଦ୍ଧାରିତ ସ୍ୱଳ୍ପ ଟଙ୍କା ହେଲେ ମଧ୍ୟ ମୁଖ୍ୟତଃ ସ୍ୱୟଂ ସହାୟକ କାର୍ଯ୍ୟକ୍ରମ ନିୟମିତ ସଂଚୟ ପାଇଁ ବାଧ କରେ। ବାଧ୍ୟତାମୂଳକ ସଂଚୟ ବୃହତ ପାଣ୍ଠି ଗଠନ କରିବା ପାଇଁ ସହାୟକ ହୁଏ।

**ଖ) ଋଣ ଆଦାୟ/ପରିଶୋଧ ସାଧନ:**

ଦଳଗତ ଯୁଗ୍ମ ଚାପ ଋଣ ଆଦାୟ/ପରିଶୋଧ ପାଇଁ ଉଲ୍ଲେଖନୀୟ ବିକାଶ ସୃଷ୍ଟି କରେ, ଯାହା ଫଳରେ କ୍ରମାଗତ ଋଣ ପାଇବା ସୁବିଧା ହୁଏ।

**ଗ) ଉତ୍ତମ କାର୍ଯ୍ୟଦକ୍ଷତା ଆନୁଷ୍ଠାନିକ ଋଣ ପ୍ରାପ୍ତିର ସହାୟକ:**

ସ୍ୱୟଂ ସହାୟକ ଦଳ ଆଇନଗତ ଅନୁଷ୍ଠାନ ଗୁଡ଼ିକରୁ ଋଣ ପାଇବା ପାଇଁ ଗ୍ରାମାଞ୍ଚଳର ମହିଳା ମାନଙ୍କୁ ସାହାଯ୍ୟ କରେ। ଏହା ବ୍ୟତୀତ, ଋଣ ସଂପର୍କିତ ଓ ଅନ୍ୟାନ୍ୟ ଲାଭ ବୃହତ ସମାଜ ଗଠନରେ ସାହାଯ୍ୟ

କରେ। ଯଥା; ସ୍ୱୟଂ ସହାୟକ ଦଳ ଗୋଟିଏ ଲୋକ କେନ୍ଦ୍ରିକ ସଂଗଠନ ଯାହାକି ଅନେକ ବିକାଶମୂଳକ କାର୍ଯ୍ୟକ୍ରମ-ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଯୋଗାଣ, ପରିବେଶ ସୁରକ୍ଷା, ପରିମଳ, ରାସ୍ତା ଓ ବିଜୁଳି ଇତ୍ୟାଦି ନିଜ ଅଞ୍ଚଳରେ ଲୋକଙ୍କ ମଙ୍ଗଳ ନିମନ୍ତେ ସଂପାଦନ କରେ। ଅଧିକାଂଶ ସ୍ୱୟଂ ସହାୟକ ଦଳ ମହିଳାକେନ୍ଦ୍ରିକ ଏବଂ ଏହା ଲିଙ୍ଗ ଭେଦ ଏକତା ପାଇଁ ସାହାଯ୍ୟ କରେ। ମହିଳା ସଶକ୍ତିକରଣ ସ୍ୱୟଂ ସହାୟକ ଦଳ ଦ୍ୱାରା ସାଧନ ହୋଇ କେବଳ ମହିଳା ମାନଙ୍କର ମଙ୍ଗଳ କରେନାହିଁ ବରଂ ପରିବାରର ଏବଂ ଗୋଷ୍ଠୀର ମଙ୍ଗଳ କାର୍ଯ୍ୟରେ ନିଯୋଜିତ ହୁଏ। ସ୍ୱୟଂ ସହାୟକ ଦଳ ଗୁଡ଼ିକ ସାମୁହିତ ଭାବେ କ୍ଷୁଦ୍ର ଉଦ୍ୟୋଗର ସମସ୍ୟା ଗୁଡ଼ିକ ଚିହ୍ନଟ କରିରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରନ୍ତି। ଯଥା; ପୁଞ୍ଜି ପ୍ରଦାନ, ଉତ୍ପାଦନର ଉନ୍ନତି, ହାଟ ବଜାରର ସୁବିଧା ଗୁଡ଼ିକ ସାମୁହିକ କ୍ରୟ ବିକ୍ରୟର ଶକ୍ତି ଦ୍ୱାରା ଲାଭ କରନ୍ତି।

## ୧.୬ କ୍ଷୁଦ୍ର ଅର୍ଥ ବ୍ୟବସ୍ଥାର ମୂଳତତ୍ତ୍ୱ

ଭାରତ ଗୋଟିଏ ଜନ ମଙ୍ଗଳ ରାଷ୍ଟ୍ର ରୂପେ ଧାରଣ କରି ସମସ୍ତ ନାଗରିକଙ୍କୁ ଉତ୍ତମ ଜୀବନଯାପନ ପ୍ରଦାନ ପାଇଁ ଦାୟୀତ୍ୱବୋଧ ହୋଇ ଆସୁଛି। ଏହା ମଧ ଅନୁଭବ କରିଆସୁଛି ଯେ, ବହୁଳ ମାତ୍ରାରେ ଗ୍ରାମାଞ୍ଚଳରେ ବସତି ସ୍ଥାପନ କରୁଥିବା ଲୋକମାନଙ୍କର ବିକାଶ ପାଇଁ ପ୍ରତିଶୃତି ହେଉଛି। ସକ୍ଷମ ଗରିବ ପରିବାରଙ୍କର ରୋଜଗାର କାର୍ଯ୍ୟକ୍ରମ ପରିଚାଳନା ପାଇଁ କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ମାଧ୍ୟମରେ ଋଣ, ତାଲିମ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପ୍ରଦାନ କରୁଛି। କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥା ମିତବ୍ୟୟ ପାଇଁ ଉଦ୍ଦିଷ୍ଟ, ଆର୍ଥିକ ସେବା, ସାହାଯ୍ୟ, ପ୍ରାଥମିକ ସଂଚୟ ଓ ବ୍ୟୟ ବ୍ୟବସ୍ଥା ଗରିବ ପରିବାର ଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଚଳିତ ବ୍ୟାଙ୍କରଣ ପାଇବାରୁ ବଞ୍ଚିତ ରୁହନ୍ତି। ଦଳ ମଧରେ ସଭ୍ୟା ମାନଙ୍କର ଋଣ ପାଇଁ ଥିବା ଦାୟିତ୍ୱ ବୋଧତା କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ଗଠନ କରେ। ବଙ୍ଗଳାଦେଶ ଗ୍ରାମିଣ ବ୍ୟାଙ୍କ ପ୍ରତିଷ୍ଠାତା ପ୍ରଫେସର୍ ମହମଦ୍ ୟୁନୁସ୍ କ୍ଷୁଦ୍ର ଅର୍ଥ ବ୍ୟବସ୍ଥାର ସଞ୍ଜ୍ଞାକୁ ଜନପ୍ରିୟ କରିବା ପାଇଁ ଗୁରୁ ଦାୟୀତ୍ୱ ପାଳନ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାର ଢଙ୍ଗ ଭିତ୍ତିରେ ଅନେକ ପ୍ରକାର କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ସୃଷ୍ଟି ହୋଇଛି। ସ୍ୱୟଂ ସହାୟକ ଦଳ ଗଠନ ପ୍ରାଥମିକ ଆଦର୍ଶ ଯାହା ଲୋକମାନଙ୍କୁ ସଂଗଠିତ କରି ୧୫–୨୫ ଜଣ ବିଶିଷ୍ଟଛୋଟ ଦଳର ପରିଣତ ହୋଇ ମହିଳାମାନଙ୍କ ବିକାଶର ଲକ୍ଷ ରଖେ। କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥା ଦ୍ୱାରା ମହିଳାମାନେ ଋଣ ପାଇବାର ସୁଯୋଗ ପାଇ ମହିଳା ସଶକ୍ତିକରଣ ପାଇଁ ଆଗକୁ ଆସିଥାନ୍ତି। ସ୍ୱୟଂ ସହାୟକ ଦଳ ଦ୍ୱାରା କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥାର ଉପଯୋଗୀ ପାଇଁ ବିଶ୍ୱ ବ୍ୟାପି ଆଗ୍ରହ କରାଯାଏ। ଯଦ୍ୱାରା ମହିଳା ସଶକ୍ତିକରଣ ଏବଂ ଗରୀବ ମହିଳାମାନଙ୍କ ଦାରିଦ୍ର୍ୟ ଦୂରିକରଣ ସମ୍ଭବ ହେଉଛି। ବଜାର ଦରର ସୁଧ ହାରରେ ସ୍ୱାଭାବିକ ଓ ଚିରସ୍ଥାୟୀ କାରାବାର ପାଇଁ ବ୍ୟାଙ୍କ କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥାକୁ ଗ୍ରହଣ କରିଛି। ନାବାର୍ଡ଼ର ଗବେଷଣାକୁ ଭିତ୍ତି କରି ଫେବୃୟାରୀ ମାସ ୧୯୯୪ ମସିହାରେ ସ୍ୱୟଂ ସହାୟକ ଦଳର ବ୍ୟାଙ୍କ ସଂଯୋଗୀକରଣ ଏକ ପଥଦର୍ଶୀ କାର୍ଯ୍ୟକ୍ରମରେ ଆବିର୍ଭୂତ ହେଲା। ୧୯୯୪ ମସିହାରେ କାର୍ଯ୍ୟକାରୀ ଦଳଗୁଡ଼ିକର ସୁପାରିସ୍‌କୁ ଭିତ୍ତିକରି ଭାରତୀୟ ରିଜର୍ଭ ବ୍ୟାଙ୍କ ଏଭଳି ଅଭିନବ ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ନିତି ନିର୍ଦ୍ଧାରଣ କଲେ। ପ୍ରଥମେ ସ୍ୱୟଂ ସହାୟକ ଦଳ ସଂଚୟ କରିବେ ତା'ପରେ ବ୍ୟାଙ୍କ ସହିତ ସଂଯୋଗ ହେବେ। ଦଳର ଦୁଇ ଜଣ ପଦବୀ ଧାରୀ ସଭ୍ୟା ଅର୍ଥ ପରିଶୋଧ ପାଇଁ ଦାୟୀତ୍ୱ ରହିବେ। ସ୍ୱୟଂ ସହାୟକ ଦଳର ଋଣ କାରବାର

ଉପରେ ବ୍ୟାଙ୍କ ଅଫିସରମାନେ ସନ୍ତୁଷ୍ଟ ହେଲେ ଦଳର ପାଣ୍ଠି ଜମାକୁ ଭିତ୍ତିକରି ୪ ଥର ପର୍ଯ୍ୟନ୍ତ ଋଣ ପାଇ ପାରିବେ। କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ଏକ ଶୃଙ୍ଖଳାବୋଧ ଯୋଜନା। ବର୍ତ୍ତମାନ ୫୬୦ ଟି ବ୍ୟାଙ୍କ, ୪୮ଟି ବ୍ୟବସାୟିକ ବ୍ୟାଙ୍କ, ୧୯୬ ଟି RRBS ଏବଂ ୭୧୬ ଟି ସମବାୟ ବ୍ୟାଙ୍କ ଉକ୍ତ କ୍ଷୁଦ୍ର ଅର୍ଥ ବ୍ୟବସ୍ଥା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ।

କ୍ଷୁଦ୍ର ଅର୍ଥ ବ୍ୟବସ୍ଥା କେତେକ ସମସ୍ୟାର ସମ୍ମୁଖୀନ ହେଉଛି। ଅତଏବ ଏହାକୁ ସୁଦୃଢ଼ କରିବା ପାଇଁ ନିରାକରଣ ପଦକ୍ଷେପ ଗୁଡ଼ିକ ନେବା ଉଚିତ୍। ଆର୍ଥିକ ସ୍ଥିତି ଜୀବନ ପ୍ରାପ୍ତି ପାଇଁ ପ୍ରକଳ୍ପ ଗୁଡ଼ିକ ଓ କାର୍ଯ୍ୟକ୍ରମ ସ୍ଥିର କରିବା ଉଚିତ୍। ଆବଶ୍ୟକ ଅନୁଯାୟୀ ଗ୍ରାମା□ଳରେ ଆର୍ଥିକ ସହାୟତାକୁ ବର୍ଦ୍ଧିତ କରିବା ଦରକାର। ବଜାରିକରଣର ସୁବିଧା ସୁଯୋଗ ଉପରେ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ। ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ଆବଶ୍ୟକୀୟ ତାଲିମ ଓ ବାହ୍ୟ କାର୍ଯ୍ୟ ଶିକ୍ଷା ଉପରେ ପ୍ରାଧାନ୍ୟତା ରହିବା ଦରକାର। କଠୋର ପରିଶୋଧ ଆବଶ୍ୟକତାର ଅବାଞ୍ଛନୀୟ ଅଟେ। ବ୍ୟାଙ୍କ ଠାରୁ ନେଇଥିବା ବ୍ୟକ୍ତିଗତ ଋଣ ପରିଶୋଧ ଉପରେ କିଛି ନମନୀୟତା ରହିବା ଉଚିତ୍। କ୍ଷୁଦ୍ର ଅର୍ଥ ବ୍ୟବସ୍ଥାର ସୁନ୍ଦର ଫଳପ୍ରଦ ଯୋଜନା ସଠିକ୍ ଭାବେ ବ୍ୟଙ୍କ ଦ୍ୱାରା ପରିଚାଳିତ ହେବା ନିତାନ୍ତ ଆବଶ୍ୟକ।

## ୧.୭ ସାରାଂଶ

ଏହା ସ୍ପଷ୍ଟ ଯେ, ସ୍ୱୟଂ ସହାୟକ ଦଳଗୁଡ଼ିକ ସମ୍ବଳ ଉପରେ ଅଧିକାର, ଇଚ୍ଛାକୃତ ଅର୍ଥ ଉପାର୍ଜନ, ସାମାଜିକ ଦୃଢ଼ତା, ସନ୍ତୁଳିତ ଜୀବନ, କର୍ମ ଭିତ୍ତିକ ଶିକ୍ଷା ଏବଂ ଶୃଙ୍ଖଳିତ ଜଳବାୟୁ ଉପରେ ସକରାତ୍ମକ ଫଳ ପ୍ରଦାନ କରେ। ପରିଲକ୍ଷିତ ନ ହେଲେ ବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଣାଳୀର ମାପକୁ ବଢେଇ ଗରିବଙ୍କର ନିକଟତର ହେବାକୁ ପଡ଼ିବ। ଦଳ ଗଠନର ପ୍ରଣାଳୀ, କଷ୍ଟସାଧ ସମୟ ଓ ମୂଲ୍ୟପଯୋଗୀ ବଳରେ ତାଙ୍କୁ ସୁଦୃଢ଼ ଓ ସଂଯୋଗୀକରଣ କରାଯାଇ ପାରିବ। ଏ କ୍ଷେତ୍ରରେ ଉତ୍ସର୍ଗୀକୃତ ସ୍ୱେଚ୍ଛାସେବୀ ସଂଗଠନ ଓ ଉପଯୁକ୍ତ ମାନ ସମ୍ବଳର ଆବଶ୍ୟକତା ଅଛି। ଦାରିଦ୍ର୍ୟ ଦୂରୀକରଣ ପାଇଁ ସ୍ୱୟଂ ସହାୟକ ଦଳ ସହଯୋଗୀତା ଓ ସହଭାଗିତା ପଦ୍ଧତି ବିଭିନ୍ନ ପ୍ରକାରର ସମ୍ବଳ, ଆର୍ଥିକ ସମ୍ବଳ ଏବଂ ମାନବ ସମ୍ବଳକୁ ଗତିଶୀଳ କରିବା ପାଇଁ ବାଧକରେ। କିନ୍ତୁ ଯେତେବେଳେ ଏହାର ସଖ୍ୟା ବଢ଼ିବା ବଜାୟ ରଖେ ସେତେବେଳେ ଦଳର ଗୁଣାତ୍ମକକୁ ହରାଏ। ସ୍ୱୟଂ ସହାୟକ ଦଳ ଭିତରେ ଦରିଦ୍ର ବିପକ୍ଷରେ ବିଭେଦତା ଅତୂଟ ରହିଛି। ଦଳରେ ଅନ୍ତର୍ଭୁକ୍ତ ପରଠାରୁ ଉଚ୍ଚସ୍ତର ଗରିବ ନିଜ ସ୍ତର ଗରିବକୁ ସବୁକ୍ଷେତ୍ରରେ ନିବାରଣ କରନ୍ତି, ମୁଖ୍ୟତଃ ଋଣ ପାଇବା, ନିଷ୍ପତ୍ତିରେ ଅଂଶ ଗ୍ରହଣ କରିବା ଏବଂ କେତେଜଣ ମୁଷ୍ଟିମେୟ ପ୍ରଭାବଶାଳୀ ସଦସ୍ୟ ନିଜର ଲାଭ ପାଇଁ ଦଳର ଶକ୍ତିକୁ ଶୋଷଣ କରନ୍ତି। ଦଳ ଗଠନର ପ୍ରାଥମିକ ସ୍ତରରେ ସଭ୍ୟାମାନଙ୍କ ମଧ୍ୟରେ ସତର୍କତା ଥାଏ। ଦଳଗତ କାର୍ଯ୍ୟରେ ଠିକ୍ ଭାବେ ସମସ୍ତେ ଅନ୍ତର୍ନିବେଶ କରନ୍ତି। ସମୟାନୁକ୍ରମେ ଦଳଗତ ପର୍ଯ୍ୟାଲୋଚନା କରନ୍ତି ଏବଂ ଅଦଳ ବଦଳ ପ୍ରକ୍ରିୟାରେ ନେତୃତ୍ୱର ଦାୟୀତ୍ୱ ବହନ କରି ଦେଖାଦେଉଥିବା ସମସ୍ୟା ଗୁଡ଼ିକୁ ଦୂର କରନ୍ତି। ସଫଳତାକୁ ଦୃଷ୍ଟିରେ ରଖି ବ୍ୟାଙ୍କ କର୍ମଚାରୀମାନେ ସ୍ୱହୃଦୟେ ଦଳକୁ ଋଣ ପ୍ରଦାନର ହାତ ବଢ଼ାନ୍ତି। ବ୍ୟାଙ୍କର ପରମ୍ପରାଗତ ଚିନ୍ତାଧାରା ନିମ୍ନମାନ ସଦୃଶ୍ୟ, ଋଣ ଦେବାରେ ଭୟଭୀତ ଥା'ନ୍ତି ଏବଂ ଏଭଳି ମନୋଭାବ ପରିବର୍ତ୍ତନ ଅବଶ୍ୟମ୍ଭାବୀ

ବ୍ୟାଙ୍କ କର୍ମଚାରୀଙ୍କ ଏଭଳି ମନୋଭାବର ପରିବର୍ତ୍ତନ ହେବା ନିତାନ୍ତ ଆବଶ୍ୟକ। ବ୍ୟାଙ୍କ କ୍ଷେତ୍ରରେ ସ୍ୱୟଂ ସହାୟକ ଦଳ ଏକ ସମ୍ବଳ ସଦୃଶ ତେଣୁ ବ୍ୟାଙ୍କ କର୍ମଚାରୀଙ୍କ ମନୋଭାବ ପରିବର୍ତ୍ତନକୁ ପ୍ରାଧାନ୍ୟଦେବା ଉଚିତ୍।

ସ୍ୱୟଂ ସହାୟକ ଦଳ ଗୁଡ଼ିକର ସଫଳତା ପ୍ରଶଂସନୀୟ ଅଟେ। ସେମାନେ ଦେଶର ଆର୍ଥିକ ମେରୁଦଣ୍ଡ ପରିବର୍ତ୍ତନ ପାଇଁ ଯୋଗ୍ୟ ବିବେଚିତ। ଏହା ପ୍ରାଥମିକ ସଫଳତାରେ ମହାନନ୍ଦ ଦିଏ। ଗରିବଙ୍କ ଜୀବନରେ ପରିବର୍ତ୍ତନ ଆଣିପାରୁଥିବା ଯୋଗୁଁ ଏଭଳି ଗତିଶୀଳ ଉଦ୍ୟମ ପ୍ରଶଂସନୀୟ। ସ୍ୱୟଂ ସହାୟକ ଦଳ କାର୍ଯ୍ୟକ୍ଷମ ହେବ, ଯଦି ଦାୟିତ୍ୱ ସଂପନ୍ନ ବ୍ୟକ୍ତି ବିଶେଷ ଏହାକୁ ସୁଯୋଗ ଦିଅନ୍ତି। ସ୍ୱୟଂ ସହାୟକ ଗୁଡ଼ିକ ଯଥେଷ୍ଟ କାର୍ଯ୍ୟକ୍ଷମ ହୋଇ ପାରିବେ ନାହିଁ, ଯଦି ଜନଶକ୍ତି ଏହା ପଛରେ ନଥାଏ। ଅନେକ କାର୍ଯ୍ୟକ୍ରମରେ ଦେଖାଦେଉଥିବା ପିତୃ ପ୍ରାଧାନ୍ୟ ପ୍ରଥା ଉପରେ ଗୁରୁତ୍ୱଦେଇ ପରିବର୍ତ୍ତନ ଆଣିବାକୁହେବ ଯାହା ବର୍ତ୍ତମାନ ସୁଦ୍ଧା ମହିଳାମାନଙ୍କ ନିଷ୍ପତି ନେବାର ଅଧିକାରକୁ ଦୂରେଇ ରଖାଯାଇଛି।

## ୧.୮ ସହାୟକ ଗ୍ରନ୍ଥସୂଚୀ


- Chaudhari, B.(Ed); Tribal Development in India, Problems and Prospects, Delhi: Inter – India Publications, 1982.
- Chaurasia, B.P., Scheduled Castes and Scheduled Tribes, Allahabad: Chugh Publications, 1990.
- “ Freeman, James, M., Untouchable, London: George Allen & Unwin, 1979.
- Pati, R.N. and Jena, B.; Traibal Development in India, New* Delhi: Ashish Publishing House, 1989.
- Raha M.K and Coomar, P.C.(eds); Tribal India Vol I 4 II , New Delhi: Gian Publishing House, 1980
- Roy, Ramashray, and Singh V.B., Between Two Worlds: A Study of Harijan Elites Delhi: Discovery Publishing House, 1987.
- Saksena, H.S., Safeguards for Scheduled.Castes and Tribes, New Delhi: Uppal Publishing House, 1981.
- Singh, K.S.,; Tribal Society in India, Delhi: Manohar. 1985.

# ଦ୍ୱିତୀୟ ଏକକ

# ଗ୍ରାମୀଣ GRAMEEN, ସେଓ୍ୱା SEWA, ମାଇରାଡ଼ା MYRADAର: ଅଭିଜ୍ଞତା

ବିଷୟ ଗଠନ:

୨.୦ ପଠନର ଉଦ୍ଦେଶ୍ୟ
୨.୧ ଗ୍ରାମୀଣ ବ୍ୟାଙ୍କ: ଉପକ୍ରମ
୨.୨ ଗ୍ରାମୀଣ ବ୍ୟାଙ୍କର ଉତ୍ପତ୍ତି ଓ ଇତିହାସ
୨.୩ ପାଣ୍ଠି
୨.୪ କ୍ଷୁଦ୍ରଋଣର ଉପଯୋଗୀତା
୨.୫ ଢାକାରେ ଅବସ୍ଥିତ ଗ୍ରାମୀଣ ବ୍ୟାଙ୍କ ପ୍ରାସାଦ
୨.୬ ଗ୍ରାମ୍ୟ ଟେଲିଫୋନ୍ କାର୍ଯ୍ୟକ୍ରମ
୨.୭ ଲୋକଙ୍କ ଆର୍ଥିକ ଅସୁବିଧା ଉପରେ ଗ୍ରାମୀଣ ବ୍ୟାଙ୍କର ଆଭିମୁଖ୍ୟ
୨.୮ ସମ୍ୱନ୍ଧୀୟ ଉଦ୍ୟମ
୨.୯ ସମାଲୋଚନା
୨.୧୦ ଅନ୍ୟାନ୍ୟ ମାଧ୍ୟର ପ୍ରତିନିଧିତ୍ୱ
୨.୧୧ ସେଓ୍ୱା–ସ୍ୱୟଂ ନିଯୁକ୍ତ ମହିଳା ସଙ୍ଗଠନ (SEWA-Self Emploed Women Association)
୨.୧୨ ମଇରାଡ଼ା (MYRADA)
୨.୧୩ ସାରାଂଶ

## ୨.୦ ପଠନର ଉଦ୍ଦେଶ୍ୟ

ଏହି ଏକକ ସମାପ୍ତି ପରେ ଆପଣମାନେ ନିମ୍ନଲିଖିତ ବିଷୟ ଜାଣିପାରିବେ;

- ଗ୍ରାମୀଣ ବ୍ୟଙ୍କ, କ୍ଷୁଦ୍ରଋଣ, SEWA ଓ MYRADA ର ମୂଳ ସଂଜ୍ଞା।
- ଗ୍ରାମୀଣ ବ୍ୟାଙ୍କ ଓ କ୍ଷୁଦ୍ରଋଣ ଇତ୍ୟାଦିର ଉପଯୋଗିତା।
- ଗ୍ରାମୀଣ ବ୍ୟାଙ୍କର ଆର୍ଥିକ ବ୍ୟବସ୍ଥାର ବିଶ୍ଳେଷଣ।

## ୨.୧ ଗ୍ରାମୀଣ ବ୍ୟାଙ୍କ ଉପକ୍ରମ

ଗ୍ରାମୀଣ ବ୍ୟାଙ୍କ ଗୋଟିଏ କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥାର ସଂଗଠନ ଏବଂ ଗୋଷ୍ଠୀ ବିକାଶ ବ୍ୟାଙ୍କ, ଏହା ବଙ୍ଗଳା ଦେଶରେ ସ୍ଥାପିତ ଅଟେ। ଏହା ଦୂର୍ବଳ ଶ୍ରେଣୀ ପାଇଁ କ୍ଷୁଦ୍ରଋଣ ଦେବା ବ୍ୟବସ୍ଥା କରେ। ୧୯୭୬

ମସିହାରେ ଗ୍ରାମୀଣ ବ୍ୟାଙ୍କ ଆବିର୍ଭୂତ ହେଲା । ଚିତାଗଙ୍ଗ ବିଶ୍ୱ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଫେସର ମହମଦ୍ ୟୁନୁସ୍ ଗ୍ରାମାଞ୍ଚଳ ଗରିବ ପରିବାରଙ୍କୁ କେଉଁ ପ୍ରକାର କ୍ଷୁଦ୍ର ଋଣ ଦେବା ସେବା ପହଞ୍ଚି ପାରିବ ତାରି ଉପରେ ଏକ ଗବେଷଣା ପ୍ରକଳ୍ପ ଆରମ୍ଭ କଲେ । ଅକ୍ଟୋବର ମାସ ୧୯୮୩ ମସିହାରେ ରାଷ୍ଟ୍ରୀୟ ସ୍ୱୀକୃତି ପ୍ରାପ୍ତ ବଳରେ ଗ୍ରାମୀଣ ବ୍ୟାଙ୍କ ଗୋଟିଏ ସ୍ୱାଧିନ ବ୍ୟାଙ୍କରେ ପରିଣତ ହେଲା । ୧୯୯୮ ମସିହାରେ ବ୍ୟାଙ୍କର ନିମ୍ନମାନ ଆବାସ କାର୍ଯ୍ୟକ୍ରମ ପାଇଁ ବିଶ୍ୱ ପ୍ରାକୃତିକ ବାସ ପୁରସ୍କାର ପ୍ରାପ୍ତ କଲା । ୨୦୦୬ ମସିହାରେ ଉଭୟେ ଗ୍ରାମୀଣ ବ୍ୟାଙ୍କ ଓ ଏହାର ପ୍ରତିଷ୍ଠାତା ମହମତ୍ ୟୁନୁସ-ନୋବେଲ ଶାନ୍ତି ପୁରସ୍କାର ପାଇଲେ ।

## ୨.୨ ଗ୍ରାମୀଣ ବ୍ୟାଙ୍କ ଉତ୍ପତ୍ତି ଇତିହାସ

୧୯୭୪ ମସିହା ବଙ୍ଗଳା ଦେଶ ଦୂର୍ଭିକ୍ଷ ସମୟରେ ମହମଦ୍ ୟୁନୁସ୍ ଗୋଟିଏ ଦଳର ୪୨ ଟି ପରିବାରଙ୍କୁ ୨୭ଟି ଆମେରିକୀୟ ମୁଦ୍ର ବିଶିଷ୍ଟ କ୍ଷୁଦ୍ରଋଣ ଦେବା ପ୍ରସ୍ତୁତ କଲେ, ଏହି ପ୍ରାରମ୍ଭିକ ଟଙ୍କା ଦ୍ୱାରା ପ୍ରଚଳିତ ମିଳୁଥିବା ଅଧିକ ଶୁଳ୍କ ହାରର କଷ୍ଟକୁ ଦୂରେଇ ଆବଶ୍ୟକୀୟ ପଣ୍ୟର କିଣା ବିକା କରିପାରିବେ । ୟୁନୁସ୍ ବିଶ୍ୱାସ ରଖିଲେ ଯେ, ଏହି ପ୍ରକାର ଋଣ ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚିଲେ ବ୍ୟବସାୟ କରିବା ପାଇଁ ଉତ୍ସାହିତ ହେବେ ଏବଂ ବଙ୍ଗଳାଦେଶରେ ବହୁଳ ମାତ୍ରାରେ ଦେଖାଯାଉଥିବା ଦାରିଦ୍ର୍ୟତା ହ୍ରାସ ପାଇବ । ନୋବେଲ ବିଭୂଷିତ ଏବଂ ପ୍ରତିଷ୍ଠାତା ମହମଦ୍ ୟୁନୁସ୍ ତାଙ୍କ ଗବେଷଣା ଓ ଅଭିଜ୍ଞତାରୁ ଗ୍ରାମୀଣ ବ୍ୟାଙ୍କ ପାଇଁ କେତେକ ନୀତି ନିୟମ ପ୍ରସ୍ତୁତ କଲେ । ଗ୍ରାମୀଣ ବ୍ୟାଙ୍କ କେବଳ "ଗ୍ରାମାଞ୍ଚଳ" କିମ୍ବା "ଗ୍ରାମ୍ୟ" ବ୍ୟାଙ୍କ । ସେ କ୍ଷୁଦ୍ରଋଣ ଗବେଷଣା ପ୍ରକଳ୍ପ ସହିତ ଗ୍ରାମାଞ୍ଚଳ ଆର୍ଥିକ ପ୍ରକଳ୍ପକୁ ଚିତଗଙ୍ଗ ସ୍ଥିତ ବଙ୍ଗଳାଦେଶ ବିଶ୍ୱ ବିଦ୍ୟାଳୟରେ ପରୀକ୍ଷାମୂଳକ ଭାବେ ପ୍ରସାରଣ କଲେ, ଏ ପ୍ରଣାଳୀ ଗ୍ରାମାଞ୍ଚଳ ଗରୀବ ପରିବାରଙ୍କ ପାଖରେ ଋଣ ଓ ବ୍ୟାଙ୍କ ସେବା ପହଞ୍ଚିବା ପାଇଁ । ୧୯୭୬ ମସିହାରେ ଯୋବ୍ରା ଗ୍ରାମ ଓ ଚିତାଗଙ୍ଗ ବିଶ୍ୱ ବିଦ୍ୟାଳୟ ନିକଟତମ ଗ୍ରାମ ବାସିନ୍ଦା ଗ୍ରାମିଣ ବ୍ୟାଙ୍କ ଠାରୁ ସେବା ପାଇବା ପାଇଁ ଯୋଗ୍ୟ ପ୍ରାପ୍ତ ହେଲେ । ବଙ୍ଗଳାଦେଶ ବ୍ୟାଙ୍କ ସହାୟତାରେ ଉକ୍ତ ବ୍ୟାଙ୍କ ପ୍ରକଳ୍ପ ସଫଳତାର ସହ ୧୯୭୬ ରେ ଟାଙ୍ଗାଇଲ ଜିଲ୍ଲାକୁ (ରାଜଧାନୀର ଉତ୍ତର, ଢାକା) କୁ ପ୍ରସାରଣ ହେଲା । ବ୍ୟାଙ୍କର କ୍ରମାଗତ ସଫଳତା ଯୋଗୁଁ ବଙ୍ଗଳାଦେଶର ଅନ୍ୟାନ୍ୟ ଜିଲ୍ଲା ଗୁଡ଼ାକୁ ଉକ୍ତ ବ୍ୟାଙ୍କ ସେବା ପ୍ରସାରିତ ହେଲା । ଅକ୍ଟୋବର ମାସ ୨ ତାରିଖ ୧୯୮୩ ମସିହାରେ ବଙ୍ଗଳା ଦେଶା ସରକାରଙ୍କ ଅଧାଜାରି ଦ୍ୱାରା ଉକ୍ତ ପ୍ରକଳ୍ପ ସୁପାରିଶ ପାଇ ଗୋଟିଏ ସ୍ୱାଧିନ ବ୍ୟାଙ୍କରେ ପ୍ରତିଷ୍ଠା ଲାଭ କଲା । ବ୍ୟାଙ୍କ କର୍ମକର୍ତ୍ତା Ron Grzywinski ଏବଂ Manry Houghton of Shore Bank, ଚିକାଗୋର ଗୋଷ୍ଠୀ ବିକାଶ ବ୍ୟାଙ୍କ ଫୋର୍ଡ଼ ଫାଉଣ୍ଡେସନର ଅନୁଦାନ କ୍ରମେ ୟୁନୁସ୍‌ଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ଇଲା । ୧୯୯୮ ବଙ୍ଗଳାଦେଶ ବନ୍ୟା ବଳରେ ଆର୍ଥିକ ଦୂରାବସ୍ଥା ଯୋଗୁଁ ବ୍ୟାଙ୍କ ଋଣ ପରିଶୋଧରେ ବିଶେଷ ବାଧା ସୃଷ୍ଟିହେଲା । କିନ୍ତୁ ତାର ପରବର୍ତ୍ତୀ ବର୍ଷରେ ଏହା ପରିଶୋଧ ହୋଇ ପାରିଲା । ୨୦୦୫ ମସିହା ପ୍ରାରମ୍ଭରେ ବ୍ୟାଙ୍କ ଋଣିହୋଇଥିଲା ଟଙ୍କ ୪.୭ ବିଲିୟନ୍ ଏବଂ ୨୦୦୮ ମସିହାଶେଷ ବେଳକୁ USD ୭.୬ ବିଲିୟନ ଗରୀବଙ୍କ ପାଇଁ । ୨୦୧୧ ରେ ବଙ୍ଗଳାଦେଶ ସରକାର ୟୁନୁସ୍‌ଙ୍କୁ ଗ୍ରାମୀଣ ବ୍ୟାଙ୍କରୁ ଇସ୍ତଫାନେବା ପାଇଁ ବାଧ କଲେ । କୁହାଗଲାଯେ, ୭୨ ବର୍ଷ ବୟସ ଏହି ପଦବୀରେ ରହିବା କାନୁନ୍‌କୁ ବ୍ୟତିକ୍ରମ କରୁଛି । ୨୦୧୭ ରେ ଏହି ଗ୍ରାମୀଣ ବ୍ୟାଙ୍କର ୨୬୦୦ ଶାଖା ଓ

ମିଲିୟନ ଧାରଗ୍ରାହୀ ୯୯.୬% ଧାରାରେ ଋଣ ପରିଶୋଧ କଲେ। ୯୭% ମହିଳା ଧାରଗ୍ରାହୀ ଉପଭୋକ୍ତା ଥିଲେ। ଏହି ବ୍ୟାଙ୍କ ବଙ୍ଗଳାଦେଶର ୯୭% ଗ୍ରାମରେ ସକ୍ରୀୟ ହୋଇ ଆସୁଛି। ଏହି ସଫଳତା ବିଶ୍ୱରେ ୪୦ ରୁ ଊର୍ଦ୍ଧ୍ୱ ଦେଶରେ ଏକା ସଦୃଶ ପ୍ରକଳ୍ପ ପରିଚାଳନା କରିବା ପାଇଁ ଅନୁପ୍ରେରିତ କଲା, ଏତଦ୍ ବ୍ୟତୀତ ଗ୍ରାମୀଣ ଯୋଜନାରେ ଆର୍ଥିକ ସହାୟତା ଦେଶ ପାଇଁ ପଦକ୍ଷେପ ନେଲା। ବର୍ତ୍ତମାନ ଗ୍ରାମୀଣ ବ୍ୟାଙ୍କ ଅନେକ ଦେଶରେ ସଂପ୍ରସାରିତ ହେଉଛି। ୧୯୧୭ ରେ ୧୧ ଟି ୟୁନାଇଟେଡ୍ ସହରରେ ୧୯ ଟି ଗ୍ରାମୀଣ ଆମେରିକା ସ୍ଥାପିତ ହେଲା। ପ୍ରାୟତଃ ଏକଲକ୍ଷ ଧାରଗ୍ରାହୀଙ୍କ ମଧ୍ୟରେ ସମସ୍ତେ ମହିଳା ଥିଲେ।

## ୨.୩ ପାଣ୍ଠି

ବ୍ୟାଙ୍କ ବିଭିନ୍ନ ସୂତ୍ରରୁ ପାଣ୍ଠି ଲାଭ କରିଛି ଏବଂ ସମୟାନୁକ୍ରମେ ଅନୁଦାନକାରୀ ପରିବର୍ତ୍ତିତ ହୋଇଛି। ପ୍ରଥମ ବର୍ଷରେ ଅନୁଦାନକାରୀ ସଂସ୍ଥା କମ୍ ହାରରେ ମୂଳ ପୁଞ୍ଜି ପ୍ରଦାନ କରନ୍ତି। ୧୯୯୦ ମସିହା ମଧ୍ୟବର୍ତ୍ତୀରେ, ଉକ୍ତ ବ୍ୟାଙ୍କ ବଙ୍ଗଳାଦେଶ କେନ୍ଦ୍ରୀୟ ବ୍ୟାଙ୍କ ଠାରୁ ଅଧିକ ପୁଞ୍ଜି/ପାଣ୍ଠି ପାଇବା ଆରମ୍ଭ କଲା। ସଂପ୍ରତି ଗ୍ରାମୀଣ ବ୍ୟାଙ୍କ ଆର୍ଥିକ ସମ୍ବଳ ପାଇଁ ମୂଳ ପୁଞ୍ଜି ନିବେଶ କରୁଛି। ପୁଞ୍ଜି ସଂଯୋଗ ମଧ୍ୟରେ ସରକାରୀ ସାହାଯ୍ୟ ଅନ୍ତର୍ନିହିତ ଯାହା ବଙ୍ଗଳାଦେଶ ସରକାରଙ୍କ ଦ୍ୱାରା ଚୁକ୍ତିବଦ୍ଧ ଏବଂ ବ୍ୟାଙ୍କ ଦର ହାରରେ ତାହା ସବୁ ବିକ୍ରିହେଉଛି। ୧୯୧୩ ମସିହାରେ ବଙ୍ଗଳାଦେଶ ସଂସଦ ଗ୍ରାମୀଣ ବ୍ୟାଙ୍କ ଆଇନ ପ୍ରଣୟନ କଲା ଯାହା ଗ୍ରାମୀଣ ବ୍ୟାଙ୍କ ଆଧାଜାରିକୁ ପ୍ରତିସ୍ଥାପନ କରୁଛି। ୧୯୮୩ ମସିହାରେ ବ୍ୟାଙ୍କ ଚାଳନର ସମସ୍ତ କ୍ଷେତ୍ର ପାଇଁ ସରକାର ନିୟମ ସ୍ଥିର କଲେ। ଗ୍ରାମୀଣ ବିଭିନ୍ନ ପ୍ରକାରର ଋଣକୁ ପରିବର୍ତ୍ତନ କରିଛି। ଏହା ହସ୍ତ ଚାଳିତ ପମ୍ପ କୂଅ ଏବଂ ଗ୍ରାମୀଣ ସଭ୍ୟ ମାନଙ୍କର କ୍ଷୁଦ୍ର ଉଦ୍ୟୋଗ ପାଇଁ ଋଣ ସହାୟତା କରୁଛି। ଦୃଶ୍ୟମାନ ଏହିକି ଗରୀବ ଲୋକଙ୍କ ଉନ୍ନତ କୃଷି ନିମନ୍ତେ ଋତୁକାଳୀନ କୃଷିଋଣ, ସରଞ୍ଜାମ/ଉପକରଣର ଚୁକ୍ତି ଏବଂ ପଶୁପାଳନ ପାଇଁ ସହାୟତା କରାଯାଉଛି। ବ୍ୟାଙ୍କ ଏକ ନୂତନ ଲକ୍ଷ୍ୟ ରଖିଛି। ଏହାର କୌଣସି ଶାଖାରେ ଦାରିଦ୍ର୍ୟତା ରହିବ ନାହିଁ, ଯେଉଁଳି ସେଠାରେ ଯଥେଷ୍ଟ ଖାଦ୍ୟ, ନିର୍ମଳ ଜଳ ଓ ସୁସ୍ଥ ପରିମଳ ରହୁଥିବ।

## ୨.୪ କ୍ଷୁଦ୍ରଋଣର ଉପଯୋଗିତା

ଗ୍ରାମୀଣ ବ୍ୟାଙ୍କ ତାର ମୂଳତତ୍ତ୍ୱକୁ ଭିତ୍ତି କରି ସ୍ଥାପନ ହେଇଛି ଯେ, ଋଣଗୁଡ଼ିକ ଦାରିଦ୍ର୍ୟକୁ ବାଧା ଦେବାପାଇଁ ନିୟୋଜିତ ଦାନ ସହାୟତା ଠାରୁ ମହାନ୍, କ୍ଷୁଦ୍ର ଋଣ ବ୍ୟବସ୍ଥା ଲୋକମାନଙ୍କୁ ବ୍ୟବସାୟ କିମ୍ବା କୃଷିର ବିକାଶ ପାଇଁ ଚୁକ୍ତିଭିତ୍ତିକ ପଦକ୍ଷେପର ସୁଯୋଗ ଦିଏ ଯାହା ତାଙ୍କୁରୋଜଗାର ଦେଇଋଣ ସୁଝିବାକୁ ସକ୍ଷମ କରେ। ବ୍ୟାଙ୍କ ତାର ବିଶ୍ୱାସକୁନେଇ ସ୍ଥାପିତ ହୋଇଛି ଯେ, ଲୋକମାନଙ୍କ ପାଖରେ ଅକ୍ଷୁର୍ଣ୍ଣ ଦକ୍ଷତା ଅଛି ଏବଂ ନିୟନ୍ତ୍ରଣରୁ ମୁକ୍ତକରି ଦାରିଦ୍ର୍ୟତାକୁ ମୂଳଉତ୍ପାଟନ କରିବା ପାଇଁ ତାଙ୍କ ସାମର୍ଥ୍ୟକୁ ସାହାଯ୍ୟ କରୁଛି। ଗ୍ରାମୀଣ ପୂର୍ବରୁ ବିଭିନ୍ନ ଶ୍ରେଣୀର ଅନୁପଯୁକ୍ତ ଲୋକଙ୍କୁ ଋଣ ଅର୍ପଣ କରିଛି, ଯଥା- ଗରୀବ ବ୍ୟକ୍ତି, ମହିଳା, ଅଶିକ୍ଷିତ ଏବଂ ବେରୋଜଗାରୀର ଅନ୍ତର୍ଭୁକ୍ତ। ପ୍ରତିଶ୍ରୁତିବଦ୍ଧ କାର୍ଯ୍ୟକାଳକୁ ଭିତ୍ତିକରି ଋଣ ପାଇବାର ସୁବିଧା ମିଳେ ଏହିପରି ଯେ, ଜଳକରଜ କରିବାର ପ୍ରଣାଳୀ ଏବଂ ସାପ୍ତାହିକ କିସ୍ତିରେ ଦେଣ ବ୍ୟବସ୍ଥା, ଦୀର୍ଘ

ସମୟସୀମାର ଚୁକ୍ତି ଋଣ ତାଙ୍କ ବାସ୍ତବ ଜୀବନରେ ଥିବା ଦକ୍ଷତା ଗଠନ ପାଇଁ ସକ୍ଷମ କରୁଛି । ଯାହା ଫଳରେ ପ୍ରତ୍ୟେକ ଋଣଚକ୍ରରେ ଭଲ ଆର୍ଥିକ ଉପାର୍ଜନ ହୁଏ । ଗ୍ରାମୀଣର ଲକ୍ଷଗୁଡ଼ିକ ଗରୀବଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତାକୁ ବିକାଶ କରୁଛି । ୟୁନୁସ୍ ତାଙ୍କର ସମସ୍ତ ଋଣଗ୍ରାହୀଙ୍କୁ ସଞ୍ଚୟ କରିବା ପାଇଁ ଉତ୍ସାହ କରନ୍ତି ତେଣୁ ତାଙ୍କର ସ୍ଥାନୀୟ ପୁଞ୍ଜି ଅନ୍ୟମାନଙ୍କ ନୂଆଋଣ ପାଇଁ ରୂପାନ୍ତରୀତ ହୁଏ । ୧୯୯୫ ମସିହା ଠାରୁ ଗ୍ରାମୀଣ ଦେଖିବାକୁ ପାଇଛିଯେ, ଏହାର ୯୦% ସୁଧ ସହିତ ଋଣର ବାର୍ଷିକ ଆୟ ଓ ଜମା ସଂଗ୍ରହ କରାଯାଇ ପାରିଛି ଏବଂ ନୂଆ ଋଣଗ୍ରାହୀ ଓ ଜମାକର୍ତ୍ତା ତଥା ଅଂଶର ଭାଗୀଦାରଙ୍କ ସୁଧକୁ ଗୋଟିଏ ଧାଡ଼ିରେ ଅନ୍ତର୍ଭୂକ୍ତ କରାଯାଇଛି । ଗ୍ରାମୀଣ ଗ୍ରାମ୍ୟ ଜମା ଟଙ୍କାକୁ ଗ୍ରାମର ଅତି ଗରିବ-ଦରିଦ୍ର ଲୋକଙ୍କ ଋଣପାଇଁ ରୂପାନ୍ତର କରୁଛନ୍ତି (ୟୁନୁସ୍ ଏବଂ ଜୋଲିସ୍ ୧୯୯୮) । ଏହା ଅତି ଗରିବଙ୍କ ଉପରେ ଲକ୍ଷ୍ୟ ରଖେ, ନିର୍ଦ୍ଦିଷ୍ଟ ଭାବେ ମହିଳାମାନଙ୍କ ଉପରେ ଗୁରୁତ୍ୱ ଦିଏ ଯିଏ ବ୍ୟାଙ୍କର ୯୦% ଭାଗ ଋଣ ପ୍ରାପ୍ତ କରେ । ମହିଳାମାନେ ପାରମ୍ପରିକ ଭାବେ ବିକଳ୍ପ ଆର୍ଥିକ ବ୍ୟବସ୍ଥା ପାଇଁ ସ୍ୱାଭାବିକ ଋଣ ରୋଜଗାର ଭିତରକୁ କମ୍ ପରିମାଣରେ ପ୍ରବେଶ କରୁଥିଲେ । ମହିଳାମାନେ ଘରୋଇ ନିଷ୍ପତି ଗ୍ରହଣରେ ଅନ୍ୟାୟସଙ୍ଗତ ଭାବେ ଅଂଶିଦାର ହେବା ପରିଲକ୍ଷିତ ହେଉଛି । ୟୁନୁସ୍ ଏବଂ ଅନ୍ୟମାନେ ଦେଖିପାରିଛନ୍ତି ଯେ, କରଜ ଉତ୍ପାଦନର ପ୍ରଧାନ ଓ ପ୍ରାଥମିକ ଫଳ ଯାହା ସମାଜର ଗୁରୁତ୍ୱ ନଦେବା ଅଂଶର ସଶକ୍ତିକରଣ (ୟୁନୁସ୍ ଏବଂ ଜୋଲିସ୍ ୧୯୯୮) । ଯିଏ ତାଙ୍କ ରୋଜଗାରର ଛୁଆପିଲାଙ୍କ ଓ ଅଦୃଶ୍ୟ ମଣିଷମାନଙ୍କ ମଧ୍ୟରେ ଭାଗକରେ । ୟୁନୁସ୍ ଦାବି ରଖେ ଯେ, ୨୦୦୪ ମସିହାରେ ମହିଳାମାନେ ସେପର୍ଯ୍ୟନ୍ତ ଋଣ ଗୁଡ଼ିକ ପାଇବା ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇଛନ୍ତି, ବ୍ୟବସାୟିକ ବ୍ୟାଙ୍କ (ୟୁନୁସ୍ ୨୦୦୪) ଠାରୁ ସେମାନେ ୧% ରୁ କମ୍ ଋଣଗ୍ରାହୀଙ୍କୁ ଅନ୍ତର୍ଭୁକ୍ତ କଲେ । କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥା ଅନୁଷ୍ଠାନ ସହିତ ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ସୁଧ ହାରର ମୂଲ୍ୟ ପାରମ୍ପାରିକ ବ୍ୟାଙ୍କ ତୁଳନାରେ ଅଧିକ ଥିଲା, ଗ୍ରାମୀଣର ସୁଧ (ବାଲାନ୍ସକୁ କମାଇବା ଭିତ୍ତିରେ) ତାର ମୁଖ୍ୟ ଋଣ ଉତ୍ପାଦନ ହେଉଛି ୨୦% । ଗ୍ରାମୀଣ ବିଭିନ୍ନ ପ୍ରକାରର ଋଣ ବ୍ୟବସ୍ଥା ତିଆରି କରିଛି । ଏହା ହସ୍ତଚାଳିତ କୂଅ ପାଇଁ ସହାୟତା ଦେଉଛି ଏବଂ ଗ୍ରାମୀଣର ଅତି ଆତ୍ମୀୟତାରେ ଥିବା ସଭ୍ୟମାନଙ୍କୁ ବିଭିନ୍ନ ଉଦ୍ୟୋଗ ପାଇଁ ଋଣ ସହାୟତା ଦେଉଛି । ଏହା ପରିଲକ୍ଷିତ ହେଉଛି କି ଋତୁ ଭିତ୍ତିକ କୃଷି ଋଣ, ଲିଜ୍ ଜରିଆରେ ଉପକରଣ ପାଇବା ଚୁକ୍ତି ଏବଂ ପଶୁ ସମ୍ପଦ ଗରିବ ଲୋକମାନଙ୍କର ଉତ୍ତମ କୃଷିକାର୍ଯ୍ୟ ସ୍ଥାପନ ପାଇଁ ସାହାଯ୍ୟ କରୁଛି । ବ୍ୟାଙ୍କ ଗୋଟିଏ ନୂଆ ଲକ୍ଷ୍ୟ ସ୍ଥିର କରିଛି– ଏହାର ପ୍ରତ୍ୟେକ ଶାଖା ଦାରିଦ୍ର୍ୟ ମୁକ୍ତ ହେବ, ବେଞ୍ଚମାର୍କସ୍‌ଙ୍କ ଦ୍ୱାରା ପରିଭାଷିତ ଅନୁଯାୟୀ ଲୋକଙ୍କର ଯଥେଷ୍ଟ ଖାଦ୍ୟ ଥିବ ଓ ନିର୍ମଳ ପାଣି ଏବଂ ଶୌଚାଳୟର ସୁବିଧା ପାଇପାରୁଥିବେ ।

**ନିଷ୍ପତି ଗୁଡ଼ିକ:**

- ଆମେ ଗ୍ରାମୀଣ ବ୍ୟାଙ୍କର ୪ଟି ନିୟମକୁ ଆମ ଜୀବନ ଯାତ୍ରାରେ ଅନୁସରଣ କରିବୁ, ଯଥା; ଶୃଙ୍ଖଳା, ଐକତା, ସାହସ ଏବଂ କଠିନ ପରିଶ୍ରମ ।
- ଆମ ପରିବାରରେ ସମୃଦ୍ଧି ଆଣିବୁ ।
- ଭଗ୍ନ ଗୃହରେ ଆମେ ବାସ କରିବୁ ନାହିଁ । ଆମେ ଆମ ଗୃହକୁ ମରାମତି କରିବୁ ଏବଂ ଯଥାଶିଘ୍ର ନୂତନ ଗୃହ ନିର୍ମାଣ କରିବୁ ।

- ବର୍ଷସାରା ଆମେ ପନିପରିବା ବଢ଼େଇବୁ। ସେ ସବୁ ଯଥେଷ୍ଟ ଖାଇବୁ ଏବଂ ବଳକା ବିକ୍ରି କରିବୁ।
- ଯଥା ସମ୍ଭବ, ଅନେକ ଚାରା ରୋପଣ କରିବୁ।
- ଛୋଟ ପରିବାର ଗଠନ ପାଇଁ ଆମେ ମନସ୍ତ କରିବୁ। ଆମର ଖର୍ଚ୍ଚକୁ କମେଇବୁ। ଆମର ସ୍ୱାସ୍ଥ୍ୟର ଯତ୍ନନେବୁ।
- ଆମର ପିଲାଙ୍କୁ ଶିକ୍ଷିତ କରିବୁ ଏବଂ ଆମ ଉପାର୍ଜନରେ ତାଙ୍କ ଶିକ୍ଷା ବିକାଶ ନିଶ୍ଚିତ କରିବୁ।
- ଆମ ପିଲା ଏବଂ ପରିବେଶକୁ ସଦାସର୍ବଦା ଯତ୍ନ କରିବୁ।
- ଆମେ ବରପାଲି ପାଇଖାନା ତିଆରି କରି ବ୍ୟବହାର କରିବୁ।
- ଆମେ ନଳକୂପ ପାଣି ପିଇବୁ। ଯଦି ତାହା ଅନୁପଯୋଗୀ ତେବେ ଫୁଟାପାଣି ପିଇବୁ କିମ୍ୱା ଫିଟିକିରି ବ୍ୟବହାର ଯୁକ୍ତ ପାଣି ପିଇବୁ।
- ଆମ ପୁଅ ବାହାଘରେ ଯୌତୁକ ନେବୁ ନାହିଁ କି ଝିଅ ବାହାଘରେ ଯୌତୁକ ଦେବୁ ନାହିଁ। ଆମେ ସଂପୂର୍ଣ୍ଣ ଯୌତୁକ ପ୍ରଥାରୁ ଦୂରେ ରହିବୁ। ଆମେ ବାଲ୍ୟ ବିବାହ କରିବୁ ନାହିଁ।
- ଅନ୍ୟାୟରେ କାହାକୁ ଆଘାତ କରିବୁ ନାହିଁ।
- ଅଧିକ ଅର୍ଥ ଉପାର୍ଜନ ପାଇଁ ସାମୂହିକ ଭାବେ ଅର୍ଥ ବିନିଯୋଗ କରିବୁ।
- ସଦାସର୍ବଦା ଆମେ ପରସ୍ପରକୁ ସାହାଯ୍ୟ କରିବୁ। ଯଦି କୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ତାଙ୍କୁ ସାହାଯ୍ୟ କରିବୁ।
- ଯଦି କୌଣସି କେନ୍ଦ୍ରରେ ନିୟମ ଭଙ୍ଗ ବିଶୃଙ୍ଖଳା ଜାଣିପାରୁ ତେବେ ସମସ୍ତେ ସେଠାକୁ ଯାଇ ଶୃଙ୍ଖଳା ଫେରାଇ ଆଣିବାରେ ସାହାଯ୍ୟ କରିବୁ।
- ସାମୂହିକ ଭାବେ ଆମେ ସାମାଜିକ କାର୍ଯ୍ୟ ଗୁଡ଼ିକରେ ଅଂଶ ଗ୍ରହଣ କରିବୁ।

## ୨.୫ ଢାକାରେ ଅବସ୍ଥାପିତ ଗ୍ରାମୀଣ ବ୍ୟାଙ୍କ ପ୍ରାସାଦ

ସଂହତି ଆଦାନ ପ୍ରଦାନ ପାଇଁ ଗ୍ରାମୀଣ ବ୍ୟାଙ୍କ ଅତି ପରିଚିତ। ୧୬ ଗୋଟି ନିଷ୍ପତିକୁ ବ୍ୟାଙ୍କ ବଙ୍ଗଳା ଦେଶରେ ଏକତ୍ରୀତ କରି ତାର ମୂଲ୍ୟବୋଧକୁ ପ୍ରସାରିତ କରିଛି। ଗ୍ରାମୀଣ ବ୍ୟାଙ୍କର ପ୍ରତ୍ୟେକ ଶାଖାରେ ଧାରଗ୍ରାହୀମାନେ ନିଷ୍ପତି ଗୁଡ଼ିକୁ ଆବୃତ୍ତି କରିସେ ଆନୁଯାୟୀ ପରିଚାଳିତ ପାଇଁ ଶପଥ ନିଅନ୍ତି। ୧୬ ଗୋଟି ନିଷ୍ପତିର ଫଳ ସ୍ୱରୂପ ଅଭ୍ୟାସରେ ଅନୁପ୍ରାଣିତ ହୁଅନ୍ତି। ଏ ସମସ୍ତ ଅଭ୍ୟାସ ମଧ୍ୟରୁ ଶିକ୍ଷା ଆରୋହନ ପାଇଁ ପିଲାମାନଙ୍କୁ ବିଦ୍ୟାଳୟକୁ ପଠେଇବା ଅନ୍ୟତମ। ୧୬ ଟି ନିଷ୍ପତିକୁ ଗ୍ରାମୀଣ ବ୍ୟାଙ୍କ ଆପଣାଇବା ପରଠାରୁ ଗ୍ରାମୀଣ ଋଣଗ୍ରାହୀଙ୍କ ବିଦ୍ୟାଳୟରେ ନାମ ଲେଖାଥିବା ପିଲାମାନେ ନିୟମିତ ଶ୍ରେଣୀରେ ଉପସ୍ଥିତ ହେଉଛନ୍ତି। ଏହା ସାମାଜିକ ପରିବର୍ତ୍ତନ ଏବଂ ପରବର୍ତ୍ତୀ ପିଢ଼ି ଶିକ୍ଷା ପାଇଁ ସାହାଯ୍ୟ କରେ।

ସଂହତି ଆଦାନ ପ୍ରଦାନ କ୍ଷୁଦ୍ରଋଣର ଗୋଟିଏ ଭିତ୍ତି ପ୍ରସ୍ତର ସଦୃଶ୍ୟ ଏବଂ ଏହି ପ୍ରଣାଳୀ ବର୍ତ୍ତମାନ ୪୩ ଟି ରୁ ଉର୍ଦ୍ଧ୍ୱ-ଦେଶରେ ବ୍ୟବହୃତ ହେଉଛି। ଯଦିଓ ଋଣଗ୍ରାହୀ ଗୋଟିଏ ୫ ଜଣ ବିଶିଷ୍ଟ ଦଳ ସହ ସଂଶ୍ଳିଷ୍ଟ, ଦଳର

ସଭ୍ୟା ଋଣ ପାଇବା ପାଇଁ ଦଳ ଚୁକ୍ତିବଦ୍ଧ ନୁହେଁ। ଋଣ ପରିଶୋଧ ବ୍ୟକ୍ତିଗତ ଋଣଗ୍ରାହୀଙ୍କ ଦାୟୀତ୍ୱ ଉପରେ ନ୍ୟସ୍ତ ରହେ। ଦଳ ଓ କେନ୍ଦ୍ରରେ ପ୍ରତ୍ୟେକ ଋଣ ପରିଶୋଧ କରିବା ଏବଂ ନ କରିପାରିବା ଦାୟୀତ୍ୱ ଉପରେ ତତ୍ତ୍ୱାବଧାନ କରେ। କୌଣସି ଯୌଥ ଦାୟିତ୍ୱ ନଥାଏ, ନିଜ କର୍ତ୍ତବ୍ୟ ପାଳନ ବିଚ୍ୟୁତ ସଭ୍ୟଙ୍କ ଦେୟ/ପୈଠ ପାଇଁ ଦଳର ସଭ୍ୟମାନେ ବାଧ ପରବଶ ନୁହନ୍ତି। କିନ୍ତୁ ବାସ୍ତବରେ ଦଳର ସଭ୍ୟମାନେ ଗୋଟିଏ ସର୍ତ୍ତରେ ଅପରିଶୋଧିତ ଟଙ୍କା ପରବର୍ତ୍ତୀ ସମୟରେ ସଂଗ୍ରହ କରିବା ପାଇଁ ପରିଶୋଧର ହାତ ବଢ଼ାନ୍ତି। ଏଭଳି ମନୋଭାବ ପ୍ରସ୍ତାହନ କରାଯାଏ, କାରଣ ପରବର୍ତ୍ତୀ ସମୟରେ ଗ୍ରାମୀଣ ଦଳରେ ଅନ୍ତର୍ଭୁକ୍ତ ଖିଲାପ ସଭ୍ୟଙ୍କୁ ଋଣ ପ୍ରଦାନ କରିବ ନାହିଁ। କୌଣସି କାନୁନ୍ ଭିତ୍ତିକ ଉପକରଣ (ଲିଖିତ ଚୁକ୍ତି) ଋଣଗ୍ରାହୀ ଓ ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ହୁଏ ନାହିଁ। ଏ ପ୍ରଥା କେବଳ ବିଶ୍ୱାସରେ କାର୍ଯ୍ୟକାରୀ ହୁଏ। ଧାରକୁ ଅନୁପୂରକ କରିବା ପାଇଁ ଗ୍ରାମୀଣ ବ୍ୟାଙ୍କ ଋଣଗ୍ରାହୀମାନଙ୍କୁ ସ୍ୱଳ୍ପ ପରିମାଣର ଟଙ୍କା ବିଭିନ୍ନ ପାଣ୍ଠିରେ ସଂଚୟ କରିବା ପାଇଁ ଆବଶ୍ୟକ କରେ ଯାହା ଜରୁରୀକାଳୀନ ସମୟରେ ବ୍ୟବହାର ହୁଏ। ଏହି ସଂଚୟ ଜିମା ଆକାରରେ ଜରୁରୀକାଳୀନ ସମୟରେ ଉପଲବ୍ଧ ହୁଏ। ଆମ ଦେଶରେ କମ୍ ସଂଖ୍ୟକ ମହିଳାମାନେ ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକ ଠାରୁ ଋଣ ନିଅନ୍ତି। ଗ୍ରାମୀଣ ମହିଳା ମାନଙ୍କ ଉପରେ ଦୃଷ୍ଟିପାତ କରେ। ଏହାର ସଭ୍ୟମାନଙ୍କ ମଧ୍ୟରୁ ୯୭% କେବଳ ମହିଳା ଅଛନ୍ତି। ବିଶ୍ୱ ବ୍ୟାଙ୍କର ଅଧ୍ୟୟନ ଫଳାଫଳରୁ ଜଣାପଡ଼ିଛି ଯେ, କ୍ଷୁଦ୍ରଋଣ ବ୍ୟବସ୍ଥା ମହିଳାମାନଙ୍କୁ ସଶକ୍ତିକରଣ କରି ସମ୍ବଳ ପ୍ରାପ୍ତ କରେ ଏବଂ ନିଜସ୍ୱ ନିଷ୍ପତିନେବାରେ ନିୟନ୍ତ୍ରଣ କରେ। କେତେକ ଅର୍ଥଶାସ୍ତ୍ର ବିଶାରଦମାନେ ମତ ଦିଅନ୍ତି କି କ୍ଷୁଦ୍ରଋଣ ବ୍ୟବସ୍ଥା ଓ ମହିଳା ସଶକ୍ତିକରଣ ମଧ୍ୟରେ ସଂପର୍କ କମ ସତ୍ୟତା ଥାଏ। ଅନ୍ୟ ପକ୍ଷରେ କହିବାକୁ ଗଲେ ୯୮% ରୁ ଉର୍ଦ୍ଧ୍ୱ କରଜ ଫେରସ୍ତ ଗ୍ରାମୀଣ ପାଖରେ ରହି ଆସୁଛି। ଯାହାହେଉ, ୨୦୦୧ ୱାଲ ଷ୍ଟ୍ରିଟ୍ ଜରନାଲ୍ ଅନୁଯାୟୀ ଜଣାପଡ଼ିଛି ଯେ, ବ୍ୟାଙ୍କର ପଞ୍ଚମାଂଶ ଋଣ ବର୍ଷ ବର୍ଷ ଧରି ପରିଶୋଧର ସମୟ ଗଡ଼ି ଯାଉଛି। ଗ୍ରାମୀଣ କହିରଖେ ଯେ, ବଙ୍ଗଳାଦେଶରେ ଅଧାରୁ ଅଧିକ ଋଣଗ୍ରାହୀ (ପାଖାପାଖି ୫୦ ମିଲିୟନ) ଅତି ଗରିବତାରୁ ମୁକ୍ତି ପାଇ ପାରିଛନ୍ତି, ଏ ପ୍ରକାର ଋଣ ପାଇଁ ଧନ୍ୟବାଦ ଜଣାନ୍ତି ଫଳରେ ତାଙ୍କ ପିଲାଛୁଆମାନେ ବିଦ୍ୟାଳୟରେ ଉତ୍ତମ ଶିକ୍ଷା ଲାଭ କରିପାରୁଛନ୍ତି। ଘରର ସମସ୍ତେ ଅନ୍ତତଃ ଦିନରେ ୩ ଓଳି ଖାଇବାକୁ ପାଉଛନ୍ତି। ପାଇଖାନା, ଛାତଘର, ବିଶୁଦ୍ଧ ପାନୀୟଜଳ ସହ ସପ୍ତାହରେ ୩୦୦ ଟଙ୍କା ଋଣ ପରିଶୋଧ କରିବା ପାଇଁ ସକ୍ଷମ ହୋଇ ପାରିଛନ୍ତି। ବ୍ୟାଙ୍କ ମଧ୍ୟ ସାମାଜିକ ବ୍ୟପାର ଓ ଉଦ୍ୟୋଗ କ୍ଷେତ୍ରକୁ କାର୍ଯ୍ୟରେ ଲଗେଇ ପାରିଛି। ୨୦୦୯ ମସିହାରେ ଗ୍ରାମୀଣ ସର୍ଜନାତ୍ମକ ପରୀକ୍ଷାଗାରକୁ ୟୁନୁସ କେନ୍ଦ୍ର ସହ ସଂଯୋଗ କରି ବିଶ୍ୱ ସାମାଜିକ ବ୍ୟାପାର ଶିଖର ସୃଷ୍ଟି କରିବା ଲକ୍ଷ୍ୟ ରଖିଛି। ବିଶ୍ୱବ୍ୟାପି ସାମାଜିକ ବ୍ୟାପାର ପାଇଁ ଗୋଟିଏ ମଡରେ ସାକ୍ଷାତ ହୋଇ ବିକାଶ କରିବାର ପ୍ରୟାସ ଉପରେ ଆଲୋଚନା କରିବା ଏକ ମୁଖ୍ୟ କାର୍ଯ୍ୟ ଓ ସହଯୋଗ ଯଦ୍ୱାରା ବିଶ୍ୱରେ ଦେଖା ଦେଇଥିବା ମହାମାରୀ ଭଳି ସମସ୍ୟା ଗୁଡ଼ିକର ବିକାଶ ଭିତ୍ତିକ ସମାଧାନର ଯୋଜନା ପ୍ରସ୍ତୁତ ହୋଇପାରିବ।

## ୨.୬ ଗ୍ରାମ୍ୟ ଟେଲିଫୋନ କାର୍ଯ୍ୟକ୍ରମ

ବ୍ୟାଙ୍କ କ୍ଷୁଦ୍ରଋଣ ବ୍ୟବସ୍ଥାକୁ ବିଭିନ୍ନ ପ୍ରକାର ସଂଯୋଗ କରିଛି । ଗ୍ରାମ୍ୟଫୋନ କାର୍ଯ୍ୟକ୍ରମ ଦ୍ୱାରା ମହିଳାମାନେ ଗ୍ରାମାଞ୍ଚଳରେ ବେତାରଯନ୍ତ୍ର ଦେୟ ଭିତ୍ତିକ ଫୋନ ସେବା ବ୍ୟବସାୟ କରିପାରୁଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ବ୍ୟାଙ୍କ ବେସ୍ ଲାଭବାନ ହୋଇପାରିଛି କି ୨୦୦୪ ମସିହାରେ ବିକାଶ ପାଇଁ ପ୍ରଯୁକ୍ତି ବିଦ୍ୟାର ଅବଦାନ ପିଟେର୍ସବର୍ଦ୍ଦ ପୁରସ୍କାରର ମୂଲ୍ୟ ୧ ଲକ୍ଷ ୟୁରୋ ପାଇବାରେ ସକ୍ଷମ ହୋଇଛି । ସାମ୍ବାଦିକ ସମ୍ମିଳନୀରେ ଏ ପୁରସ୍କାର ଘୋଷଣା କରାଯାଇଛି, ବିକାଶ ପ୍ରବେଶପଥ ମୂଳଦୁଆ (ବିକାଶ ଗେଟୱେ ଫାଉଣ୍ଡେସନ୍) ନାମକ ସଂସ୍ଥା ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରସିଦ୍ଧତାକୁ ବିସ୍ତାର କରିଛି । ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ସେମାନେ ନିଜ ଚେଷ୍ଟାରେ ଦାରିଦ୍ର୍ୟତାରୁ ଉଦ୍ଧାର ପାଇ ପାରିଛନ୍ତି । ଅଧିକନ୍ତୁ, ଏହି କାର୍ଯ୍ୟକ୍ରମ କୃଷକ ଓ ଅନ୍ୟମାନଙ୍କ ଜୀବନ ଜୀବିକାକୁ ବିକଶିତ କରିଛି, ବଙ୍ଗଳା ଦେଶର ପ୍ରାୟ ୨୮ ହଜାର ନିର୍ଗମ ଗ୍ରାମ ବାସିନ୍ଦା ପୂର୍ବରୁ ବଜାରର ଜଟିଳତା ଉପରେ ସୂଚନା ଏବଂ ଜୀବନ ରକ୍ଷା ଯୋଗାଯୋଗର ସୁବିଧାରୁ ବଞ୍ଚିତ ଥିଲେ । ବର୍ତ୍ତମାନ ସମୟରେ ୮୮,୦୦୦ ରୁ ଉର୍ଦ୍ଧ୍ୱଫୋନ୍ ଉପଚାର ହୋଇପାରିଛି । ଯାହା ଫଳରେ ୮୦ ମିଲିୟନରୁ ଉର୍ଦ୍ଧ୍ୱଲୋକ ବଜାର ଉପରେ ସୂଚନା, ସଂପର୍କୀୟ ଖବର ଏମିତ ଅନେକ ବିଷୟ ଉପରେ ଅବଗତ ହୋଇପାରୁଛନ୍ତି ।

**ସଂଘର୍ଷ ସଭ୍ୟମାନଙ୍କ କାର୍ଯ୍ୟକ୍ରମ:**

୨୦୦୩ ମସିହାରେ ଗ୍ରାମୀଣ ବ୍ୟାଙ୍କ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କଲେ । ଏହା ପାରମ୍ପରିକ ଦଳରେ ଦିଆ ନିଆ କାରବାର ଠାରୁ ଭିନ୍ନ । ବଙ୍ଗଳାଦେଶରେ ଥିବା ଭିକାରିମାନଙ୍କ ଉପରେ କେବଳ ଏହା ଲକ୍ଷ୍ୟ କରାଗଲା । ଏହି କାର୍ଯ୍ୟକ୍ରମ ଭିକାରିମାନଙ୍କୁ ଛୋଟ ଋଣ ପ୍ରଦାନ ନିମନ୍ତେ କେନ୍ଦ୍ରିଭୂତ ହେଲା । ଏହା ସମ୍ପୂର୍ଣ୍ଣ ସୁଧ ମୁକ୍ତ ଋଣ । ଋଣ ପରିଶୋଧର ସମୟସୀମା ନିଜ ଇଚ୍ଛା ଅନୁଯାୟୀ ଦୀର୍ଘ ଦିନରେ ହେବ ଏବଂ ଋଣଗ୍ରାହୀମାନେ ବିନା ମୂଲ୍ୟରେ ଜୀବନ ବୀମା ଭୁକ୍ତ ହେବେ । ଉଦାହରଣ ସ୍ୱରୂପ, ଜଣେ ଭିକାରୀ ଛୋଟ ଋଣ ଭାବେ ୧୦୦ ଟଙ୍କା ନିଏ ତେବେ ସପ୍ତାହରେ ୨ ଟଙ୍କା ହିସାବରେ ଫେରସ୍ତ କରିବ । ୧୯୮୪ ମସିହାରେ ନିଜ ଋଣଗ୍ରାହୀମାନଙ୍କ ଗୃହ ନିର୍ମାଣ ଋଣ କାର୍ଯ୍ୟକ୍ରମ ପାଇଁ ଗ୍ରାମୀଣ କେନ୍ଦ୍ର ବ୍ୟାଙ୍କ ଆବେଦନ କରିଥିଲା । ପ୍ରସ୍ତାବିତ ୧୨୫ ଡଲାର ବିଶିଷ୍ଟ ଋଣ ଉପଯୁକ୍ତ ଗୃହ ନିର୍ମାଣ ପାଇଁ ଅସମ୍ଭବ ହେଉଥିବା ଯୋଗୁଁ ଗ୍ରାମୀଣ ଆବେଦନକୁ ଖାରଜ କରାଯାଇଥିଲା । ତେଣୁ ସେ ବଦଳରେ ଗ୍ରାମୀଣ ଆଶ୍ରାସ୍ଥଳୀ ଋଣ ପାଇଁ କଳ୍ପିତ ପ୍ରସ୍ତାବ ଦେଲେ । ସେମାନେ ପୁଣିଥରେ ଖାରଜ କଲେ, ଏହି ସମୟରେ ଋଣଗ୍ରାହୀମାନେ ଅଣ ଆୟ ଉତ୍ପାଦକ ଋଣ ପାଇଁ ଅକ୍ଷମ ହେଲେ । ଗ୍ରାମୀଣତାର କୌଶଳକୁ ପରିବର୍ତ୍ତନ କରି ତୃତୀୟ ଥର ଆବେଦନ କଲା । ତାପରେ ଶିଳ୍ପ ଋଣ ତିଆରିହେଲା । ସ୍ପଷ୍ଟୀକରଣ ଏହିକି ଯେ, ଋଣଗ୍ରାହୀ ଘରେ ରହି କାମ କରିବେ । ତେଣୁ ଘର ମଧ୍ୟ ଗୋଟିଏ ଶିଳ୍ପାଗାର, ଯାହା ଋଣଗ୍ରାହୀ ମାନଙ୍କର ଆୟ ଉପାର୍ଜନ ସମ୍ଭବ । ଗ୍ରାମୀଣ ତୃତୀୟ ଥର ପାଇଁ ମଧ୍ୟ ଦରଖାସ୍ତ ଖାରଜ ହେଲା । ତୃତୀୟ ଥର ଖାରଜ ପରେ ବ୍ୟାଙ୍କ ପ୍ରତିଷ୍ଠାତା ୟୁନୁସ୍ ବ୍ୟକ୍ତିଗତ ଭାବେ କେନ୍ଦ୍ର ବ୍ୟାଙ୍କର ରାଜ୍ୟପାଳଙ୍କୁ ଭେଟି ଦରଖାସ୍ତର ପୁନର୍ବିଚାର କରିବା ପାଇଁ ଅନୁରୋଧ କଲେ । ତାଙ୍କୁ ପଚାରାଗଲା, ଯଦି ଆପଣ ଭାବନ୍ତିଯେ, ଋଣଗ୍ରାହୀ ପରିଶୋଧ କରିବେ, ଉତ୍ତରରେ ୟୁନୁସ୍ ହଁ କହି ନିଶ୍ଚିତ କଲେ ସେମାନେ ପେରସ୍ତ କରିପାରିବେ । ଧନୀ ସଦୃଶ ନ ହେଲେ ଗୋଟିଏ ଗରୀବ ତାର କ୍ଷତି

ଭରଣ କରି ପାରିବେ ନାହିଁ। ଏହା ତାଙ୍କ ପାଇଁ ମାତ୍ରଗୋଟିଏ ସୁଯୋଗ। ତାପରେ ତାଙ୍କ ସେବା ପରିଧି ମଧ୍ୟରେ ଗ୍ରାମୀଣକୁ ଗୃହ ଋଣ ସଂଯୁକ୍ତ କରିବା ପାଇଁ ମଞ୍ଜୁର କରାଗଲା। ୧୯୯୯ ମସିହାରେ ଗ୍ରାମୀଣ ଗୃହ ଋଣ ପ୍ରସ୍ତୁତ କଲା ଯାହାର ମୂଲ୍ୟ ୧୯୦ ମିଲିୟନ ଡଲାର ବଳରେ ୫,୬୦,୦୦୦ ବାସଗୃହ ସଠିକ ପରିଶୋଧରେ ତିଆରି ହୋଇପାରିବ। ୧୯୮୯ ମସିହା ବେଳକୁ ତାଙ୍କର ହାରାହାରି ଗୃହଋଣ ୩୦୦ ଡଲାରକୁ ବଢ଼ିଲା। ସେହି ବର୍ଷ ଗ୍ରାମୀଣର ଗୃହ ନିର୍ମାଣ କାର୍ଯ୍ୟକ୍ରମ ସ୍ଥାପତ୍ୟ ପାଇଁ ଆଗା ଆନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ କଲା।

## ୨.୭ ଲୋକଙ୍କ ଆର୍ଥିକ ଅସୁବିଧା ଉପରେ ଗ୍ରାମୀଣ ବ୍ୟାଙ୍କର ଆଭିମୁଖ୍ୟ

ବଙ୍ଗଳା ଦେଶରେ ଗ୍ରାମୀଣ ବ୍ୟାଙ୍କ ସ୍ଥାପନ ପାଇଁ ଯେତେବେଳେ ମହମଦ ୟୁନୁସ ପ୍ରଥମେ ପଦକ୍ଷେପ ନେଲେ ଏବଂ ଯୋବ୍ରା ପରିସର ଗ୍ରାମା▯ଳର ଅତି ଗରିବରେ ଜୀବନଯାପନ କରୁଥିବା ପରିବାର ଗୁଡ଼ିକୁ କ୍ଷୁଦ୍ରଋଣ ଦେବା ଆରମ୍ଭ କଲେ ଏବଂ ଦୁଇଟି ମୂଳ ବାକ୍ୟକୁ ଆଧାର ନେଲେ। ପ୍ରଥଉଙ୍କି ହେଲା ଋଣ ଏକ ମାନବିକ ଅଧିକାର, ଦ୍ୱିତୀୟଟି ଏହିଯେ, ଗରୀବ ଲୋକମାନେ ଯେମିତି ସ୍ୱଷ୍ଟ ଭାବରେ ତାଙ୍କ ନିଜର ଅବସ୍ଥିତିକୁ ଅନୁଭବ କରିପାରିବେ। ତାଙ୍କ ଏହି "ବ୍ୟାଙ୍କ ବ୍ୟବସାୟୀ" ଗରୀବଙ୍କ ପାଇଁ। କ୍ଷୁଦ୍ର ଧାର ଦେବାନେବା ଏବଂ ବିଶ୍ୱ ଦାରିଦ୍ର୍ୟତା ବିରୁଦ୍ଧରେ ଯୁଦ୍ଧ, ମହମଦ ୟୁନୁସ ଗ୍ରାମୀଣ ବ୍ୟାଙ୍କ ଗତି ପଥ କାର୍ଯ୍ୟ ପଛରେ ଥିବା ଭବିଷ୍ୟତ ପରିକଳ୍ପନାର ଦୃଶ୍ୟକୁ ଦୃଷ୍ଟିପାତ କରନ୍ତି। କୁହନ୍ତି, ଯେତେବେଳେ ତୁମେ ସାରା ବିଶ୍ୱକୁ ନିଜ ହାତ ପାପୁଲିରେ ଧରନ୍ତି ଏବଂ ଗୋଟିଏ ଚଢ଼େଇ ଆଖି ଦୃଷ୍ଟିରେ ନିରୀକ୍ଷଣ କରନ୍ତି ତେବେ, ତୁମେ ଯତ୍ନ ନେବା ହସ୍ତାନ୍ତର କରିଦେବେ, ତୁମେ ଅନୁଭବ କରିପାରିବ ନାହିଁ ଯେତେବେଳେ ବହୁ ଦୂରରୁ ଦେଖୁଛ ତାହା ଅସ୍ୱଷ୍ଟ ଅଦୃଶ୍ୟେରେ ପରିଣତ ହେବ। ମୁଁ ମୋର ନିର୍ମଳ ଦୃଷ୍ଟି ପରିବର୍ତ୍ତେ ଦେଖିବାକୁ ପାଏ ଯେ, ଦାରିଦ୍ର୍ୟତା ସଂପୂର୍ଣ୍ଣ ଭାବେ ଏକ ନୂତନ ଅର୍ଥଶାସ୍ତ୍ରର ଶିକ୍ଷାଦେଇଛି। ସେମାନେ ତାଙ୍କ ନିଜ ଦୃଷ୍ଟିକୋଣରୁ ସମ୍ମୁଖିନ ହେଉଥିବା ସମସ୍ୟାରୁ ମୁଁ ଅନେକ ଶିକ୍ଷା ଲାଭକଲି। ଏହାପରେ ଆମେ ଦେଖିବାକୁ ପାଉ ଯେ, ଗରିବଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟ ତାଙ୍କ ପାଖରେ ଯଥେଷ୍ଟ ଭାବେ ରହିଛି। ଆମେ ପ୍ରଥମେ ଦେଖିବାକୁ ପାଇଲୁ ମହମଦ ୟୁନୁସଙ୍କ ଗରୀବ ଉପରେ ଦୃଷ୍ଟିରେ ଅନୁଭୂତି ଯେତେବେଳେ ସେ ସୁପ୍ରିୟା ବେଗମଙ୍କୁ ଭେଟିଛନ୍ତି। ବେଗମ ଜଣେ ବାଉଁଶ ଷ୍ଟଲ କାରୀଗର, ଯିଏ ଗରୀବତାର ଚକ୍ରବ୍ୟହରେ ଟାଣି ହୋଇଛନ୍ତି। ତେଣୁ ଆମେ ଦେଖିବାକୁ ପାଇଲୁ ଯେ, ଗ୍ରାମୀଣ ବ୍ୟାଙ୍କ କଣ କରିପାରିବ, ଏହା ଦେଖିବାକୁ ମିଳିଲା ଯେ, ସମାଜ ତଥା ବଡ଼ ବଡ଼ ନିଗମ ମଣିଷର ହୃଦୟକୁ ଚିହ୍ନି ପାରନ୍ତିନି ଓ ସାହାଯ୍ୟ କରିବା ମନୋଭାବ ଦେଖାନ୍ତି ନାହିଁ। ଫଳପ୍ରଦ ମନୋଭାବରେ ୟୁନୁସ ବ୍ୟାଙ୍କ ଓ ଗୋଷ୍ଠୀରେ କାମ କଲେ। ଲୋକଙ୍କ ସଶକ୍ତିକରଣ ପାଇଁ ଯେମିତି ସୁପ୍ରିୟା ଋଣ ପାଇଁ ଦରଖାସ୍ତ ଆବେଦନ କରିବା ସକ୍ଷମ ହେବେ ଯେମିତି ଏହା ବ୍ୟବହାର କରି ତାଙ୍କ ଅବସ୍ଥାର ସମାଧାନ ପାଇଁ ଫଳପ୍ରଦ ରାସ୍ତା ପାଇପାରିବେ। ଗ୍ରାମୀଣ ବ୍ୟାଙ୍କ ଅସାଧାରଣ ଭାବେ ଆଦର୍ଶର ଝଣ୍ଡା ଭଳି ବ୍ୟାଙ୍କ ହେବ। ଏହା ଯେମିତି ୟୁନୁସ୍ ଥୋଇଛନ୍ତି, ଏହା ଗୋଟିଏ ଅନୁଷ୍ଠାନ ଯାହାର କିଛି ନାହିଁ। କିନ୍ତୁ ଅନ୍ୟମାନେ ନେଇ ପାରିବେ। ପରେ ସମୟର ଅଗ୍ରଗତିରେ ଅନେକ ପ୍ରକାର ପରିସ୍ଥିତି ଉପୁଜିଲା। ଭୂମିହୀନଙ୍କ ପାଇଁ ସଂଗ୍ରାମ ଏବଂଯୋବ୍ରାର କ୍ଷୁଦ୍ର ଚାଷି ଗଭୀର ନଳକୂପ ପାଇବାରୁ ବ▯ିତ ଥିଲେ

ତାହା ପାଇବାକୁ ସକ୍ଷମ ହେଲେ। ଗ୍ରାମୀଣ ବ୍ୟାଙ୍କ ଆରମ୍ଭ ହେବା ବର୍ଷ ଠାରୁ ବିକଶିତ ଓ ପ୍ରସାରିତ ହେବାକୁ ଲାଗିଲା, ଏହା ସେହି ଦୁଇଟି ନୀତିକୁ ଅବଲମ୍ବନ କରି କାର୍ଯ୍ୟ ଚାଲୁ ରଖିଲା। ବର୍ତ୍ତମାନ ସତ୍ୟ ରୂପେ ଗ୍ରହଣ କରେ ଯେତେବେଳେ ବ୍ୟକ୍ତିମାନଙ୍କୁ ଋଣ ପ୍ରଦାନ କରାଗଲା ସେମାନେ ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ ଜରିଆରେ ସାମାଜିକ ଗତିଶୀଳତା ପାଇଁ ପଦକ୍ଷେପ ନେବାରେ ସକ୍ଷମ ହୋଇପାରିଛନ୍ତି। ଫଳତଃ ଗ୍ରାମୀଣ ଅନେକ ସାମାଜିକ ନ୍ୟାୟ କର୍ତ୍ତାଙ୍କ ଠାରୁ ଅନ୍ୟତମ। ସାମାଜିକ ସୁଯୋଗରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ଲକ୍ଷ୍ୟ ଭିତ୍ତିକ ଥଇଥାନ ତାଲିମ କାର୍ଯ୍ୟକ୍ରମ ଗ୍ରାମୀଣର ଅନ୍ତର୍ଭୁକ୍ତ ନୁହେଁ। ଏହା ପରିବର୍ତ୍ତେ ଗ୍ରାମୀଣ ତାର ଋଣଗ୍ରାହୀଙ୍କୁସ୍ୱାଧିନ ଦିଏ ଯେ, ନିଜର ଦକ୍ଷତାକୁ ବ୍ୟବହାର କରି ଉତ୍ତମ ଭବିଷ୍ୟତ ଗଠନ କରିବା ପାଇଁ, ସୁଗମ୍ୟ ଏହା କି ସଭ୍ୟ ଆବଶ୍ୟକତା ଅନୁଯାୟୀ ଗୋଟିଏ ପାଞ୍ଚ ଜଣିଆ ସାହାଯ୍ୟକାରୀ ଦଳରେ ଅନ୍ତର୍ଭୁକ୍ତ ହୋଇପାରିବେ। ଗ୍ରାମୀଣ ବ୍ୟାଙ୍କ ତାଙ୍କ ସଭ୍ୟମାନଙ୍କୁ ସକାରତ୍ମକ ମନୋଭାବ ତିଆରି କରି ଦେଶର ରାଜନୀତିରେ ଅନ୍ତର୍ଭୁକ୍ତ ହେବା ପାଇଁ ପ୍ରତ୍ସାହନ କରେ। ମହମଦ ୟୁନୁସ୍‌ଙ୍କ ଲିଖିତ ବହି ଅନୁଯାୟୀ ଗରୀବ ମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କ ବ୍ୟବସାୟୀ, ୟୁନୁସ୍ ଆୟୁକ୍ତ ବ୍ୟାଙ୍କ କର୍ମଚାରୀ ଗ୍ରାମୀଣ ଋଣଗ୍ରାହୀଙ୍କୁ ଭୋଟ ଦେବାପାଇଁ ଉତ୍ସାହିତ କରନ୍ତି। କେଉଁ ରାଜନୀତି ଦଳକୁଭୋଟ ଦେବା ନିଷ୍ପତି ଉପରେ ବ୍ୟାଙ୍କ କର୍ମଚାରୀ ପ୍ରଭାବିତ କରନ୍ତି ନାହିଁ। ଯେତେବେଳେ ଗ୍ରାମୀଣ ଦଳ ଗୁଡ଼ିକ ଗଣତନ୍ତ୍ର ଗଠନ ପାଇଁ ଇଚ୍ଛା ପ୍ରଦର୍ଶନ କଲେ (ଚେୟାରମ୍ୟାନ ଓ ସମ୍ପାଦକ ନିର୍ବାଚନ) ବଙ୍ଗଳାଦେଶରର ୧୯୯୧ ମସିହା ଜାତୀୟ ନିର୍ବାଚନରେ ଗ୍ରାମୀଣ କର୍ମଚାରୀ ଭାବେ ନିଜର ଭୋଟ ଦେବା ଅଧିକାରକୁ ଏକ ସୁଯୋଗ ଭାବି ଉତ୍କଣ୍ଠିତ ହୋଇ ପ୍ରଦର୍ଶନ କଲେ। ଗ୍ରାମୀଣ କର୍ମଚାରୀମାନେ ରାଜନୀତି କାର୍ଯ୍ୟକ୍ରମ ବଢ଼ାଇବା ପାଇଁ ଯଥେଷ୍ଟ ପ୍ରୟାସ କଲେ। ଯାହା ୧୯୯୨, ୧୯୯୬ ଓ ୧୯୯୭ ନିର୍ବାଚନରେ ଦେଖିବାକୁ ମିଳିଲା। ଗ୍ରାମୀଣ ବ୍ୟାଙ୍କ ମହିଳାମାନଙ୍କ ଉପରେ ପ୍ରାଧାନ୍ୟତା ୧୯୯୬ ମସିହା ନିର୍ବାଚନରେ ଦେଖିବାକୁ ମିଳିଲା ଫଳରେ ପୁରୁଷମାନଙ୍କ ଅପେକ୍ଷା ଅଧିକ ମହିଳାମାନେ ଭୋଟ ଦାନରେ ଅଂଶ ଗ୍ରହଣ କଲେ। ଯାହା ରାଜନୈତିକ ଦଳ ବହିଷ୍କାର ବିପକ୍ଷରେ ମହିଳାମାନଙ୍କ ଅଧିକାର ସାବ୍ୟସ୍ତ ହେଲା ବେଳେ ରାଜନୈତିକ କାର୍ଯ୍ୟରେ ମହିଳା ମାନଙ୍କ ଅଂଶଗ୍ରହଣ ନଥିଲା। କିନ୍ତୁ ୧୯୯୭ ମସିହା ନିର୍ବାଚନରେ ୧୭୫୦ ଗ୍ରାମୀଣ ସଭ୍ୟ (୨୬୮ ପୁରୁଷ ଏବଂ ୧୪୮୫ ମହିଳା) ସ୍ଥାନୀୟ କାର୍ଯ୍ୟାଳୟ ଗୁଡ଼ିକରେ ନିର୍ବାଚିନ ହେଲେ। ୨୦୦୬ ପି.ବି.ଏସ୍ ସହ ସାକ୍ଷାତକାର ସମୟରେ (ଗ୍ରାମୀଣ ବ୍ୟାଙ୍କ ସାମାଜିକ ବ୍ୟପାର ଅଭିଜ୍ଞତାର ୧୬ ବର୍ଷ ପରେ) ୟୁନୁସ୍ ତାଙ୍କ କ୍ଷୁଦ୍ରଋଣ ବ୍ୟବସ୍ଥାର ପରିତୃପ୍ତିକୁ ପ୍ରକାଶ କଲେ ଏବଂ କହିଲେ ଗ୍ରାମୀଣ ବ୍ୟାଙ୍କ ଗରୀବ ମାନଙ୍କ ପରିସ୍ଥିତିର ବିକାଶ ପାଇଁ ଏକ ପ୍ରେରଣ ଓ ସୁଯୋଗ। ସେ ପ୍ରାଧାନ୍ୟତାଦେଇ କହିଲେ, ଯେ ନିରୀକ୍ଷଣ କରିଛନ୍ତିଯେ, ଗ୍ରାମୀଣ ବ୍ୟାଙ୍କ ଋଣଗ୍ରାହୀ ମାନଙ୍କ ପାଖରେ ଧର୍ଯ୍ୟ ଓ ଆତ୍ମ ନିର୍ଭରଶୀଳର ମନୋଭାବ ଲାଭ କରିଛନ୍ତି, ଯେତେବେଳେ ଗ୍ରାମୀଣ ବ୍ୟାଙ୍କ ଠାରୁ ନେଇଥିବା ଋଣ ଫେରସ୍ତ କରିବାରେ ସକ୍ଷୟ ହୁଅନ୍ତି। ଗୋଟିଏ ଉଚିତ୍ ସ୍ଥାନରେ ଦୟାଭିତ୍ତିକ ବିଷୟ ଓ କାର୍ଯ୍ୟ ଉପରେ ସମାଲୋଚନା କରିବା ପାଇଁ ଯତ୍ନବାନ ହେବା ଦରକାର, ସେ ଯୋଡ଼ି କହିଲେ ଯେ ଦୟା ଭିତ୍ତିକ ଉପହାର ଦୀର୍ଘ ସମୟର ଆବେଗ ପ୍ରକାଶ ଲାଭ ସେହି ରାସ୍ତାରେ ଅନୁଭବ କରିପାରିବ ନାହିଁ। ଋଣଗ୍ରାହୀମାନେ ଗ୍ରାମୀଣ ବ୍ୟାଙ୍କରୁ ନିଜର ବୋଲି ବିବେଚିତ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ବ୍ୟାଙ୍କର ସଂପୂର୍ଣ୍ଣ ଅଂଶ ସମୂହ, ଋଣଗ୍ରାହୀମାନେ ୯୪% ନିଜର ରୂପେ ପାଆନ୍ତି ବାକି ୬% ବଙ୍ଗଳାଦେଶ ସରକାରଙ୍କ ପାଖକୁ ଯାଏ।

୨୦୦୩ ଓ ୨୦୦୭ ମସିହାରେ ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ବ୍ୟାଙ୍କ ବଢ଼ିଲା। ଜାନୁୟାରୀ ମାସ ୨୦୧୧ ମସିହାରେ ସମୂଦାୟ ମୋଟ ଋଣଗ୍ରାହୀଙ୍କ ସଂଖ୍ୟା ୮.୪ ମିଲିୟନ ହେଲା। ସେ ମଧ୍ୟରୁ ୯୭% ମହିଳା ଥିଲେ। ୨୦୦୩ ମସିହାବେଳକୁ ଋଣଗ୍ରାହୀଙ୍କ ସଂଖ୍ୟା ଦ୍ୱିଗୁଣିତରୁ ଉର୍ଦ୍ଧ୍ୱ ହେଲା, ଯେତେବେଳେ ବ୍ୟାଙ୍କରେ ୩.୧୭ ମିଲିୟନ ସଭ୍ୟ ଥିଲେ। ଅନେକ ଗ୍ରାମରେ ସେହି ଏକା ସମାନ ବୃଦ୍ଧି ଦେଖିବାକୁ ମିଳିଲା। ଅକ୍ଟୋବର ମାସ ୨୦୦୭ ମସିହାବେଳକୁ ୨୪,୭୩୦ ଜଣରୁ ଉର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ନିଯୁକ୍ତି ହେଲେ। ୨୪୬୮ ଖାଶା ୮୦,୨୫୭ ଗ୍ରାମକୁ ସେବା ଯୋଗାଇଲେ, ୪୩,୬୮୧ ଗ୍ରାମକୁ ୨୦୦୩ ରେ ବିସ୍ତାରିତ ହେଲା। ବ୍ୟାଙ୍କ ୧.୪୩୭ ଟ୍ରିଲିୟନ ଡି.ବି.ଟି (୨୦.୯୨ ଆମେରିକୀୟ ଡଲାର) ଋଣରେ ବଣ୍ଟନ କରିଛି ତା ମଧ୍ୟରୁ ୧.୩୧୭ ଟ୍ରିଲିୟନ ଡି.ବି.ଟି (୧୯.୦୨ ବିଲିୟନ ଆମେରିକୀୟ ଡଲାର) ପରିଶୋଧ ହୋଇ ପାରିଛି। ୧୯୯୮ ମସିହାରେ ୯୬.୬୭% ଦରରେ ଋଣ ଆଦାୟ ପ୍ରାୟତଃ ୯୫% ସଂଗ୍ରହ ପାଇଁ ଦାବି କଲା। ଡେଭିଡ୍ ରୁଡ଼ମାନ ହିସାବକୁ ସମୀକ୍ଷା କରିଛନ୍ତି ଯେ ଗ୍ରାମୀଣର ଏ ପ୍ରକାର ଅଭ୍ୟାସକୁ ଏହି ଦରରେ ସ୍ଥିର ରଖିବାକୁ ପ୍ରସ୍ତାବ ଦେଇଛନ୍ତି। ବିଶ୍ୱ ସ୍ତରରେ ଦକ୍ଷ ଋଣଗ୍ରାହୀଙ୍କ ସଂଖ୍ୟା ୧ ବିଲିୟନ ହେବା ସମୂଦାୟ ୨୫୦ ବିଲିୟନ ଡଲାର ଋଣ ଦାବି କରେ। ବର୍ତ୍ତମାନ କ୍ଷୁଦ୍ର ଆର୍ଥିକ ଗଠନ ବ୍ୟବସ୍ଥା ୧୦୦ ମିଲିୟନ ଲୋକଙ୍କୁ ୨୫ ବିଲିୟନ ଡଲାର ଋଣ ହିସାବରେ ସେବା ଯୋଗାଉଛି। ୯୫% ଗ୍ରାମୀଣ ବ୍ୟାଙ୍କର ଭାଗ ହିସାବରେ ରହୁଛି ବାକି ୫% ସରକାରଙ୍କ ପାଖକୁ ଯାଉଛି।

**କର୍ମଚାରୀଙ୍କ ତାଲିମ/ପ୍ରଶିକ୍ଷଣ:**

ଗ୍ରାମୀଣ ବ୍ୟାଙ୍କର କର୍ମଚାରୀମାନେ ଅନେକ ସମୟରେ କଷ୍ଟରେ ପରିସ୍ଥିତିରେ କାମ କରନ୍ତି। ଗ୍ରାମୀଣର ବିଭିନ୍ନ ଶାଖାରେ ଥିବା ଅନଭିଜ୍ଞ କର୍ମଚାରୀ ବ୍ୟକ୍ତି ମାନଙ୍କୁ ୬ ମାସିକିଆ ପ୍ରଶିକ୍ଷଣ ପ୍ରଦାନ କରାଯାଏ। ତାଲିମାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଲକ୍ଷ୍ୟ ଏହିକି ଦକ୍ଷତା ବିହୀନ ଅନୁସନ୍ଧାନୀଙ୍କୁ ପ୍ରଶଂସା କରିବା ଏବଂ ଗ୍ରାମୀଣ ଶାଖାରେ ଉପୁଜୁଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ନୂତନ ଉପାୟ ଆବିଷ୍କାର କରିବା। ୬ ମାସିକିଆ ପ୍ରଶିକ୍ଷଣ ସମାପ୍ତ ପରେ ତାଲିମାର୍ଥୀ ଗଣ ଢାକା ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତ୍ୟାର୍ତ୍ତନ କରି ବ୍ୟାଙ୍କ ଶାଖାରେ ନିଯୁକ୍ତି ପାଇଁ ସମୀକ୍ଷା କରନ୍ତି।

**ସମ୍ମାନ:**

୧୯୯୪ ମସିହାରେ ଗ୍ରାମୀଣ ବ୍ୟାଙ୍କ ସ୍ୱାଧୀନ ଦିବସ ପୁରସ୍କାର ପ୍ରାପ୍ତ କଲା ଯାହା ସରକାରଙ୍କ ସର୍ବୋଚ୍ଚ ସମ୍ମାନ ଜନୀତ ପୁରସ୍କାର।

ଅକ୍ଟୋବର ୧୩ ତାରିଖ ୨୦୦୫ ମସିହାରେ ନୋବେଲ କମିଟି ଗ୍ରାମୀଣ ବ୍ୟାଙ୍କ ଓ ଏହାର ପ୍ରତିଷ୍ଠାତା ମହମଦ ୟୁନୁସ୍ କୁ ସମ୍ମାନୀତ କଲେ। ୨୦୦୬ ମସିହାରେ ତଳ ସ୍ତରରୁ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଗ୍ରାମୀଣ ବ୍ୟାଙ୍କ ନୋବେଲ୍ ଶାନ୍ତି ପୁରସ୍କାର ପାଇଲେ। ତିନି ଦଶନ୍ଧି ପୂର୍ବରୁ ୟୁନୁସ୍ ଗ୍ରାମୀଣ ବ୍ୟାଙ୍କ ଜରୀଆରେ କ୍ଷୁଦ୍ର ଋଣ ବ୍ୟବସ୍ଥାକୁ ବିକଶିତ କଲେ ଯାହାକିଗୋଟିଏ ମୂଖ୍ୟ ଅସ୍ତ୍ର ରୂପେ ଦାରିଦ୍ର୍ୟତା ବିପକ୍ଷରେ ସଂଗ୍ରାମ କରୁଛି। ଅନେକ ଅନୁଷ୍ଠାନ ଗୁଡ଼ିକ ପାଇଁ ଗ୍ରାମୀଣ ବ୍ୟାଙ୍କର କ୍ଷୁଦ୍ରଋଣ ବ୍ୟବସ୍ଥାଗୋଟିଏ କଳ୍ପନା ଓ ଆଦର୍ଶ ସ୍ୱରୂପ ସମ୍ବଳ ଯାହା ସାରା ବିଶ୍ୱରେ ବିସ୍ତାରିତ ହୋଇ ପାରିଛି। ଡିସେମ୍ବର ମାସ ୧୦ ତାରିଖ ୧୦୦୬ ମସିହାରେ ତସଲିମା ବେଗମ୍ ପ୍ରଥମେ ତାର ୧୦ ୟୁରୋ (୨୦ ଡଲାର) ଋଣ ବ୍ୟାଙ୍କରୁ ନେଇ ୧୯୯୨ ରେ ଗୋଟିଏ ଛେଳି କିଣିଲା ପରିଶେଷରେ ସେ ଜଣେ ସଫଳ ଉଦ୍ୟୋକ୍ତାରେ ପରିଣତ ହେଲା

ଏବଂ ବ୍ୟାଙ୍କର ଜଣେ ନିର୍ବାଚିତ ବୋର୍ଡ଼ ସଭ୍ୟା ଗ୍ରାମୀଣ ବ୍ୟାଙ୍କର ଅର୍ଥ ବିନିଯୋଗକାରୀ ଏବଂ ଋଣଗ୍ରାହୀଙ୍କ ତରଫରୁ ନୋବେଲ ପୁରସ୍କାର ପ୍ରାପ୍ତ କଲା। ଉକ୍ତ ପୁରସ୍କାର ବିତରଣ ଉତ୍ସବ ଓସ୍ଲୋ ସିଟି ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଗ୍ରାମୀଣ ବ୍ୟାଙ୍କ କେବଳ ଏକମାତ୍ର ବ୍ୟବସାୟୀକ ନିଗମ ଯାହା ନୋବେଲ୍ ପୁରସ୍କାର ପ୍ରାପ୍ତ କରିଛି। ପ୍ରଫେସର୍ ଓଲେ ଡାନବୋଲଟ ଏମଜୋସ୍ ନରଓ୍ୱେଜିଆନ୍ ନୋବେଲ୍ କମିଟିର ଚେୟାରମ୍ୟାନ ତାଙ୍କ ଅଭିଭା,ଣରେ କୁହନ୍ତି ଗ୍ରାମୀଣ ବ୍ୟାଙ୍କ ଓ ମହମଦ୍ ୟୁନୁସ୍ ଙ୍କୁ ପୁରସ୍କାର ଦେବା ଦ୍ୱାରା ନରଓ୍ୱେଜିଆନ୍ ନୋବେଲ କମିଟି ଚାହାନ୍ତି ମୁସଲମାନ ବିଶ୍ୱର ଲକ୍ଷ୍ୟ ସାଧନ ଉପରେ ଉତ୍ସାହିତ ଦୃଷ୍ଟିପାତ କରିବା, ମହିଳାମାନଙ୍କର ପରିପ୍ରେକ୍ଷଣ ଉପରେ ଏବଂ ଦାରିଦ୍ର୍ୟତା ବିପକ୍ଷରେ ଯୁଦ୍ଧ। କେତେକ ସମାଲୋଚକ ମାନେ କୁହନ୍ତି ଯେ, ପୁରସ୍କାର ଗୋଟିଏ ନୂତନ ସ୍ୱାତନ୍ତ୍ର୍ୟତାକୁ ଧାରଣ କରିପାରିଛି।

## ୨.୮ ସମ୍ବନ୍ଧୀୟ ଉଦ୍ୟମ

### ମୁଖ୍ୟ ଅନୁଚ୍ଛେଦ: ଗ୍ରାମୀଣ ପରିବାର ସଂଗଠନ

ଗ୍ରାମୀଣ ବ୍ୟାଙ୍କ ଗ୍ରାମୀଣ ପରିବାର ଉଦ୍ୟୋକ୍ତାଙ୍କର ଦୁଇ ଡଜନରୁ ଉର୍ଦ୍ଧ୍ୱ ଉଦ୍ୟୋଗ ସୃଷ୍ଟି କରିଛି। ଏ ସଂଗଠନ ଗୁଡ଼ିକ ମଧ୍ୟରୁ ଗ୍ରାମୀଣ ଟ୍ରଷ୍ଟ, ଗ୍ରାମୀଣ ପାଣ୍ଠି, ଗ୍ରାମିଣ ଯୋଗାଯୋଗ/ସଂଯୋଗ, ଗ୍ରାମୀଣ ଶକ୍ତି (ଗ୍ରାମୀଣ ସୌର/ବିଜୁଳୀ ଶକ୍ତି), ଗ୍ରାମୀଣ ତାରଯନ୍ତ, ଗ୍ରାମୀଣ ଶିକ୍ଷା, ଗ୍ରାମିଣ ମତ୍ସ୍ୟ (ଗ୍ରାମୀଣ ମାଛଚାଷ), ଗ୍ରାମୀଣ ବ୍ୟବସାୟ ବିକାଶ, ଗ୍ରାମୀଣ ଫୋନ୍, ଗ୍ରାମୀଣ କମ୍ପ୍ୟୁଟର କାର୍ଯ୍ୟକ୍ରମ, ଗ୍ରାମୀଣ ସାଇବର୍ ନେଟ୍, ଗ୍ରାମୀଣ ବୁଣା ପୋଷାକ, ଗ୍ରାମୀଣ ଉଦ୍ୟୋଗ (ବିଭିନ୍ନ ଉତ୍ପାଦନ ଦ୍ରବ୍ୟ ମାଲିକ) ଅନ୍ତର୍ଭୁକ୍ତ। ଜୁଲାଇ ମାସ ୧୧ ତାରିଖ ୨୦୦୫ ମସିହାରେ ଗ୍ରାମୀଣ ମ୍ୟୁଚୁଆଲ୍ ଫଣ୍ଡ୍ ଓ୍ୱାନ୍ ବଙ୍ଗଳାଦେଶ ସୁରକ୍ଷା ବିନିୟମ କମିଶନରଙ୍କ ଦ୍ୱାରାସ୍ୱୀକୃତି ପ୍ରାପ୍ତହେଲା ଏବଂ ପ୍ରାଥମିକ ଜନତା ଭେଟି ରୂପେ ଗଣିତ ହେଲା। ଗ୍ରାମୀଣ ମ୍ୟୁଚୁଆଲ୍ ଫଣ୍ଡ୍ ଓ୍ୱାନ ଗୋଟିଏ ପ୍ରଥମ ମ୍ୟୁଚୁଆଲ୍ ଫଣ୍ଡ ବଙ୍ଗଳାଦେଶ ପୁଞ୍ଜି ବଜାରକୁ କିଣିବା ପାଇଁ ଗ୍ରାମୀଣ ବ୍ୟାଙ୍କର ୪ ମିଲିୟନ୍ ରୁ ଉର୍ଦ୍ଧ୍ୱ ସଭ୍ୟ ଓ ଅଣସଭ୍ୟ ମାନଙ୍କୁ ଅନୁମତିଦେଲା। ବ୍ୟାଙ୍କ ଏବଂ ଏହାର ନିର୍ବାଚନ ମଣ୍ଡଳୀର ସଭ୍ୟମାନେ ଉଭୟେ ୭.୪ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟଯୁକ୍ତ ହେଲେ।

ଗ୍ରାମୀଣ ଫାଉଣ୍ଡେସନ୍ ଗ୍ରାମୀଣ ଦର୍ଶନଶାସ୍ତ୍ରକୁ ଉପଲବ୍ଧି କରିବା ପାଇଁ ପ୍ରତିଷ୍ଠିତ ହେଲା ଏବଂ ବିଶ୍ୱର ଅତି ଗରିବଙ୍କ ପାଇଁ କ୍ଷୁଦ୍ର ଅର୍ଥ ବ୍ୟବସ୍ଥାର ଲାଭକୁ ପ୍ରସାରିତ କରିବା ପାଇଁ ଗ୍ରାମୀଣ ଫାଉଣ୍ଡେସନ୍ ଆବିର୍ଭୂତ ହେଲା। ଯୁକ୍ତରାଷ୍ଟ୍ର ଆମେରିକାରେ କ୍ଷୁଦ୍ରଋଣ ଦିଆଯାଉଛି। ସାରା ବିଶ୍ୱରେ ଚୁକ୍ତି ଭିତ୍ତିକ ଋଣ କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ପ୍ରତିଷ୍ଠାନ ମାନଙ୍କୁ ସାହାଯ୍ୟ କରୁଛି। ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତ ବିଦ୍ୟା ସେବା ଯୋଗାଉଛି। ୨୦୦୮ ମସିହାରେ ଗ୍ରାମୀଣ ଫାଉଣ୍ଡେସନ୍ ନିମ୍ନଲିଖିତ ଅଞ୍ଚଳର କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥା ଅନୁଷ୍ଠାନ ଗୁଡ଼ିକୁ ଆର୍ଥିକ ସାହାଯ୍ୟଦେଇଛି, ଯଥା;

- ଏସିଆ-ପାସିଫିକ୍: ବଙ୍ଗଳା ଦେଶ, ଚିନ୍ ଇଷ୍ଟ ଟିମର, ଇଣ୍ଡୋନେସିଆ, ଇଣ୍ଡିଆ, ଲେବାନନ୍, ପାକିସ୍ତାନ, ଫିଲିପାଇନ୍ସ, ସାଉଦି ଆରବ, ୟେମେନ୍।
- ଆମେରିକା : ବୋଲିଭିଆ, ଡୋମିନିକାନ ରିପବ୍ଲିକ, ଆ.ଆଇ-ସାଲଭାଡୋର୍ ହାଇଟି, ହୋଣ୍ଡୁରାସ୍, ସେକ୍ସିକୋ, ପେରୁ, ଯୁକ୍ତରାଷ୍ଟ୍ର।

- ଆଫ୍ରିକା: କାମେରୁନ୍, ଇଜିପ୍ଟ, ଇଥିଓପିଆ, ଘାନା, ମୋରୋକୋ, ନିଗେରିଆ, ରାଓ୍ୱାଣ୍ଡା, ଟୁନିସିଆ, ଉଗାଣ୍ଡା ।

## ୨.୯ ସମାଲୋଚନା

କେତେକ ବିଶ୍ଳେଷକ ମାନେ ପ୍ରସ୍ତାବ ଦେଇଛନ୍ତି କି ଋଣ ଭାରରୁ ରକ୍ଷା ପାଇପାରୁ ନଥିବା ଲୋକଙ୍କୁ କ୍ଷୁଦ୍ରଋଣ ବ୍ୟବସ୍ଥା କେବଳ ଗୋଷ୍ଠୀ ଭିତରକୁ ଆଣି ପାରିବ। କେତେକ ଗବେଶକ ମାନେ ଦୃଷ୍ଟାନ୍ତ ଦିଅନ୍ତି, ଯେତେବେଳେ ଗ୍ରାମୀଣ ବ୍ୟାଙ୍କ ଠାରୁନେଇଥିବା କ୍ଷୁଦ୍ରଋଣ ଶୋଷଣର ଶିକାରରେ ଛନ୍ଦି ହୁଅନ୍ତି, ଗରିବ ପରିବାର ତାଙ୍କ ଜିନିଷ ପତ୍ର ବିକ୍ରି କରିବାରେ ଚାପ ଅନୁଭବ କରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ ଅତିଶୟ ଅବସ୍ଥାରେ ଅପମାନିତ ହୋଇ ଶେଷକୁ ଆତ୍ମହତ୍ୟା କରନ୍ତି। ମିଜେସ୍ ଅନୁଷ୍ଠାନର ଯେଫ୍ରି ଟକେର୍ ପ୍ରସ୍ତାବ ଦେଇଛନ୍ତି କି, କ୍ଷୁଦ୍ରଋଣ ବ୍ୟାଙ୍କ ଗୁଡ଼ିକ ସରକାରୀ ସାହାଯ୍ୟ ଅର୍ଥ ଉପରେ ନିର୍ଭର କରି ପରିଚାଳିତ ହୁଅନ୍ତି। ଏହିପରି ଅନେକ କଲ୍ୟାଣକାରୀ ଉଦାହରଣ କାର୍ଯ୍ୟ କାର୍ଯ୍ୟକାରୀହୋଇଆସୁଛି। ୟୁନୁସ୍ ବିଶ୍ୱାସ ରଖେ ଯେ, ସେ ସରକାରୀ ସାହାଯ୍ୟ ଅର୍ଥ ବିପକ୍ଷରେ କାମ କରୁଛି ଏବଂ ଋଣଗ୍ରାହୀ ମାନଙ୍କୁ ବ୍ୟବସାୟ ସୃଷ୍ଟି କରିବା ପାଇଁ ସୁଯୋଗ ଦିଆଯାଉଛି। ଟକେର୍ ର ସମାଲୋଚନା ଗ୍ରାମୀଣର ୧୬ ଟି ନିଷ୍ପତିର ବ୍ୟାଖ୍ୟାକରଣ ଉପରେ କେନ୍ଦ୍ରିଭୂତ, ଗରୀବ ଓ ଅଶିକ୍ଷିତ ଚାଷିସେହି ମତରେ ଅନୁପ୍ରାଣିତ ନ ହେଲେ ତାର ଅର୍ଥକୁ ବୁଝିପାରିବେ ନାହିଁ। ନରୱେଜିଆନ୍ ଲିଖିତ "Caught in Micro Debt" ରେ କୁହାଯାଇଛି ଯେ, ଗ୍ରାମୀଣ କୌଣସି ବ୍ୟକ୍ତିକ କର କୁ ଆତ୍ମସାତ୍ କରିନାହିଁ। ସ୍ୱେନ୍ ଲିଖିତ "Microcredit" ମଧ୍ୟ ଏଠାରେ ଏକମତ ପ୍ରସ୍ତାବ ରଖିଛି। ଦୋଷାରୋପର କାରଣ ଏହିକି, ପାଖାପାଖି ୧୦୦ ମିଲିୟନ ଆମେରିକୀୟ ଡଲାର୍ ଆଇନଗତ ଅଧିକାର ନଥାଇ ଦାନ ଆକାରରେ **ବିକାଶ ନିଗମ ପାଇଁ ନରୱେ ଏଜେନ୍ସିକୁ** ସ୍ଥାନାନ୍ତର କରାଯାଇଛି। ୧୯୯୬ ମସିହାରେ ଗୋଟିଏ ଗ୍ରାମୀଣର ସତ୍ତା ଠାରୁ ଅନ୍ୟ ଗ୍ରାମୀଣକୁ ଗ୍ରାମୀଣ ବ୍ୟାଙ୍କର କରଛାଡ଼ ସମାପ୍ତି ପୂର୍ବରୁ ସ୍ଥାନାନ୍ତର। ଡିସେମ୍ବର ୨୦୧୦ ମସିହାରେ ନୋଟାଡ଼୍ ଗୋଟିଏ ବିବୃତ୍ତିକୁ ପ୍ରକାଶ କଲା ଏବଂ ବ୍ୟାଙ୍କର ଏ ସମ୍ବନ୍ଧିତ କୌଣସି ଭୂଲ୍ କୁ ସଫେଇ ଦେବାପାଇଁ ୟୁନୁସ୍ କୁ କୁହାଗଲା। ଆନ୍ତର୍ଜାତିକ ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଆୟୁକ୍ତ ନୋରାଡ଼ ସାହାଯ୍ୟ ଉପରେ ବ୍ୟପକ ଭାବେ ସମୀକ୍ଷା କରାଗଲା।

**ୟୁନୁସ୍ ମନାକଲେ ଯେ, ଏହା କର ପରିହାର ଯୁକ୍ତ:**

ଏଠାରେ କୌଣସି କର ପାଇ ସରକାର ସଂଗଠନ ଦେଇଛନ୍ତି। ବଙ୍ଗଳାଦେଶ ଗ୍ରାମାଞ୍ଚଳ ଅଂଶୀଦାର ମହିଳା ମାନଙ୍କ ଉପକାରର ଲକ୍ଷ୍ୟରଖି ଆମେ ଏ ସୁଯୋଗକୁ ବ୍ୟବହାର କରିଛୁ। ଡେଭିଡ୍ ରୁଡମାନ ଏବଂଯୋନାଥନ ମୋରଡୁଚ୍ ଦାରିଦ୍ର୍ୟତା ଉପରେ କ୍ଷୁଦ୍ରଋଣର ଫଳାଫଳ ବିଧିମାନ୍ୟତାଯୁକ୍ତ ଅଧ୍ୟୟନକୁ ଭିତ୍ତିକରି ପ୍ରଶ୍ନକଲେ। କହିଲେ ଏଠାରେ ଅନ୍ତର୍ଭୁକ୍ତ ଅବସ୍ଥାରେ କିଛି ଜଟିଳତା ନାହିଁ। ୟୁଲିମ ଓ ରୁଥ ଡେଭିଡ଼ ଆଲୋଚନା କଲେ କି ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଦକ୍ଷିଣ ଭାରତରେ କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ଏବଂ ଗ୍ରାମୀଣ ମଡେଲକୁ ପୁଞ୍ଜିବାଦ ଓ ଲାଭକାରୀଗଣ କିଭଳି ବିକୃତ କରୁଛନ୍ତି। କେତେକ ପ୍ରକୃତ ଅବସ୍ଥାରୁ ଜଣା ପଡ଼ିଛି କି ଗ୍ରାମାଞ୍ଚଳର ଗରୀବ ପରିବାର ଗୁଡ଼ିକ ଋଣ ଚକ୍ରବ୍ୟୁହରେ ଛନ୍ଦିହୋଇ କଷ୍ଟ ଭୋଗୁଛନ୍ତି। କ୍ଷୁଦ୍ର ଆର୍ଥିକାରୀ ବ୍ୟବସ୍ଥା ଋଣ ସଂଗ୍ରହକାରୀଙ୍କ ନିର୍ଯ୍ୟାତନା ଏବଂ କେତେକ ଅବସ୍ଥାରେ ଆତ୍ମହତ୍ୟା।

## ୨.୧୦ ଅନ୍ୟ ମାଧ୍ୟମରେ ପ୍ରତିନିଧିତ୍ୱ କରିବା

୨୦୦୮ ମସିହାରେ ଚଳଚିତ୍ର To Catch a Dollar (୨୦୧୦) ନ୍ୟୁୟର୍କର Queens ରେ ଗ୍ରାମୀଣ ଆମେରିକା ସ୍ଥାପନର ଲିଖିତ ଦଲିଲ୍ ପ୍ରସ୍ତୁତି ହେଲା। ଏହା ୨୦୧୦ ସନ୍ ଡାନ୍ସ ଫିଲ୍ମଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେଲା।

ପ୍ରାମାଣିକ ଚଳଚିତ୍ର Living Living on one dollar (୨୦୧୦) ଅନ୍ତର୍ଭୁକ୍ତ କରେ ଯେ, ଗ୍ରାମୀଣ ବ୍ୟାଙ୍କ ଗ୍ରାମାଞ୍ଚଳର ଗୁଆମୋଲାନ ଗ୍ରାମରେ କ୍ଷୁଦ୍ର ଋଣ ଜରିଆରେ ଛୋଟ ଘରୋଇ ବ୍ୟବସାୟ ଆରମ୍ଭ କରାଯିବ। ଏହାର ପ୍ରମାଣ ପ୍ରତ୍ୟକ୍ଷ ଭାବେ ସଂଗଠନରେ ଉପଲବ୍ଧ - Living on One and on Netflix.

## ୨.୧୧ ସେୱା- ସ୍ୱୟଂ ନିଯୁକ୍ତ ମହିଳା ସଙ୍ଗଠନ (SEWA-Self Employed Women Association)

ମହିଳା ମାନଙ୍କ ସଶକ୍ତିକରଣ ପାଇଁ ସେୱା ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି। ନିଜ କାର୍ଯ୍ୟରେ ନିଯୁକ୍ତ ଗରୀବ ମହିଳାମାନଙ୍କୁ ଏକତ୍ରିତ କରି ସଂଗ୍ରାମ ଓ ବିକାଶର ରଣକୌଶଳ ଜରିଆରେ ଅର୍ଥ ବ୍ୟବସ୍ଥାର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସେୱା ପ୍ରୟାସ କରିଛି। ଏହି ବିଭାଗରେ ସେୱାର ଭୌତିକ ଏବଂ ଗୁରୁତ୍ୱତା ଉପରେ ଅବଗତ କରିବାକୁ ଚାହୁଁ କି, ନିଜ କାର୍ଯ୍ୟରେ ନିୟୋଜିତ ମହିଳା ମାନଙ୍କୁ ଆର୍ଥିକ ସହାୟତାଯୋଗାଇ ସାମାଜିକ ଓ ଆର୍ଥିକ ଅବସ୍ଥାରେ ବିକାଶ କରିବୁ। ସେୱାର ଭୌତିକ ଗୁରୁତ୍ୱ ପୂର୍ଣ୍ଣତା ଏହିକିସେୱା ସହିତ ଜଡ଼ିତ ମହିଳାମାନେ ଦୟନୀୟ ଦାରିଦ୍ର୍ୟତାର ଶିକାର ହେଉଛନ୍ତି। ସାଧାରଣତଃ ସମାଜର ଗରୀବ ମହିଳାମାନେ ଅନୁଭବ କରନ୍ତିଯେ, ସେମାନେ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ଉପଲବ୍ଧ କରିବାରୁ ବଞ୍ଚିତ ଅଟନ୍ତି। ମହିଳାମାନଙ୍କ ଦୁର୍ଦ୍ଦଶାର ମୁଖ୍ୟ କାରଣ ହେଉଛି ବେରୋଜଗାରୀ, ପରିବାରରେ କିମ୍ବାଗୋଷ୍ଠୀରେ ରୋଜଗାର ଏବଂ ଆର୍ଥିକ ସ୍ୱାଧିନତାର ଅଭାବ। ତେଣୁ ଅଧିକ ମାତ୍ରାରେ ଅର୍ଥ ରୋଜଗାର ଏବଂ ସୁଯୋଗ ସୃଷ୍ଟି ହେବା ଫଳରେ ସେମାନେ ସଶକ୍ତିକରଣ ହେବେ ଏବଂ ସମାଜରେ ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିବ। ଏହା ସତ୍ୟ ଅଟେ ଯେ, ଅର୍ଥ ଉପାର୍ଜନ କାର୍ଯ୍ୟକ୍ରମ ଦ୍ୱାରା ଦାରିଦ୍ର୍ୟତା ହ୍ରାସ ପାଇବ ଯାହା ରାଜ୍ୟ ପାଇଁ ମୁଖ୍ୟ ବିଷୟ ପାଲଟିଛି ଏବଂ ଅଧିକାଂଶ ସ୍ୱେଚ୍ଛାସେବୀ(ଏନ୍‌ଜିଓ) କାମ କରନ୍ତି ଗ୍ରାମ୍ୟ ସଂଗଠନ ଗୁଡ଼ିକଙ୍କ ମଧରେ। କେତେ ସଫଳ ଗରୀବ ମହିଳା ଅନୁଭବ କରନ୍ତି କାର୍ଯ୍ୟରେ ଅନିୟମିତ ଦରମା ବାବେତନରୁ ଗରିବ ମହିଳାମାନେ ମୁଖ୍ୟତଃସ୍ୱ-ରୋଜଗାର କାର୍ଯ୍ୟ କରିବାକୁ ସାହାସ କରନ୍ତି ଯଥା- ସଵଜି ବିକ୍ରେତା, ଫେରିବାଲା, ଘରୋଇ ହସ୍ତିଶୀଳ୍ପ କାରିଗରୀ, ଦରଜି, ଘରୋଇ କାମବାଲା ଏବଂ ଅନ୍ୟାନ୍ୟସେବା ଦାତା। ସମସ୍ତ ନିଜସ୍ୱ କାର୍ଯ୍ୟରତ ମହିଳା କର୍ମକର୍ତ୍ତା ସାଧାରଣତଃ ଧନ୍ଦାମୂଳକ କାର୍ଯ୍ୟରେ ଅସୁରକ୍ଷିତ। ସାଧାରଣତଃ ତାଙ୍କର ସ୍ୱଳ୍ପ ଉପାର୍ଜନ, ସୀମିତ କିମ୍ବା ଅବହେଳିତ ପୁଞ୍ଜି ଏବଂ ସମ୍ପତ୍ତି ବଳରେ ସେମାନେ ବଜାରର ମୁଖ୍ୟସ୍ରୋତକୁ ପହଞ୍ଚି ପାରନ୍ତି ନାହିଁ କିମ୍ବା ଆନୁଷ୍ଠାନିକ ସାହାଯ୍ୟ ବ୍ୟତୀତ ତାଙ୍କର ଉତ୍ପାଦିତ ପଣ୍ୟଦ୍ରବ୍ୟ ମୂଲ୍ୟ ଅତି କମ୍ ମାତ୍ରାକୁ ଖସେ ଏବଂସେମାନେ ଦାରିଦ୍ର୍ୟତା ଓ ଅନିଶ୍ଚିତ ଜୀବନ ଯାପନ

ବୃତ୍ତିରେ ଫାନ୍ଦିହୋଇ ରହିଯାଆନ୍ତି। ଅଧିକନ୍ତୁ, ତାଙ୍କର ସ୍ୱ-ରୋଜଗାର କାର୍ଯ୍ୟର ସାହାଯ୍ୟ ପାଇଁକୌଣସି ଆର୍ଥିକ ଅନୁଷ୍ଠାନକୁ ପ୍ରବେଶ କରିବା ତାଙ୍କପାଇଁ ଯଥେଷ୍ଟ କଷ୍ଟଦାୟକ। ଏ ସମସ୍ତ ସୀମିତ ଆଲୋଚନାଶେଷ ପରେ ଅହମଦାବାଦର ସ୍ୱ-ରୋଜଗାରୀ ମହିଳାମାନେ ସଂଗଠିତ ହୋଇ ୧୯୭୨ ମସିହାରେ ସେୱା (ସ୍ୱୟଂ ନିଯୁକ୍ତ ମହିଳା ସଙ୍ଗଠନ) ନାମରେ ସଂଗଠନ ଗଠନ କଲେ। ପ୍ରେରଣା ଓ ପଥ ପ୍ରଦର୍ଶନର କାର୍ଯ୍ୟ ଇଲା ଭଟ୍ଟଙ୍କ ନେତୃତ୍ୱରେ ହୋଇଥିଲା ଯିଏକି ପରବର୍ତ୍ତୀ ସମୟରେ **ରାମୋନ୍ ମାଗାସେସ**ପୁରସ୍କାର ଦ୍ୱାରା ସମ୍ମାନୀତ ହୋଇଥିଲେ। ସେୱା ତାଙ୍କର ସମସ୍ତ ସଭ୍ୟମାନଙ୍କର ପୂର୍ଣ୍ଣରୋଜଗାରର ସଞ୍ଜାହେଉଛି, ପ୍ରତ୍ୟେକ ପରିବାରକୁରୋଜଗାର ଯାହାଫଳରେ ଖାଦ୍ୟ ସୁରକ୍ଷା, ଅର୍ଥ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା (ସ୍ୱାସ୍ଥ୍ୟ ଯତ୍ନ, ଶିଶୁର ଯତ୍ନ ଏବଂ ଆଶ୍ରାସ୍ଥଳୀ) ପାଇବା ପାଇଁ ସୁନିଶ୍ଚିତ କରିପାରିବେ। ଆତ୍ମନିର୍ଭରଶୀଳର ମନୋଭାବ ସଭ୍ୟମାନଙ୍କ ଆର୍ଥିକ ସ୍ୱାଧିନତା ଉପରେ ପରିକଳ୍ପନା କରେ ଯେତେବେଳେ ସେମାନେ ନିଜସ୍ୱ ନିଷ୍ପତି ଗ୍ରହଣ କରିବା ପାଇଁ ସକ୍ଷମ ହୁଅନ୍ତି। ସଭ୍ୟମାନଙ୍କ ଦ୍ୱାରା ଅଗ୍ରାଧିକାର ସମସ୍ୟା ଗୁଡ଼ିକ ଖୋଲାଖୋଲି ଏବଂ ଗଣତାନ୍ତ୍ରୀକ ମତରେ ଆଲୋଚନା କଲେ। ସମସ୍ୟା ଏବଂ ବାସ୍ତବତାକୁ ଅଗ୍ରାଧିକାର ଦେଇ ସେୱା ବିକାଶ ମୂଳକ କାର୍ଯ୍ୟ ଗୁଡ଼ିକ ସଂପାଦିତ କରୁଛି ଯାହାକି ତାର ସଭ୍ୟମାନେ ବାସ୍ତବ ଜୀବନର ଅବସ୍ଥିତିକୁସ୍ୱୀକାର କରିଛନ୍ତି। ସମସ୍ତ ସଭ୍ୟ, ଦଳପତି, କାର୍ଯ୍ୟ ନିର୍ବାହୀ କମିଟି ଏବଂ କର୍ମଚାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖିସେୱା ନିମ୍ନଲିକିତ ଲକ୍ଷ୍ୟଗୁଡ଼ିକ ହାସଲ କରିବା ପାଇଁ ପ୍ରୟାସ କରିଛି, ଯଥା- ସଭ୍ୟମାନଙ୍କର ପୂର୍ଣ୍ଣ ରୋଜଗାର ପାଇଁ କାର୍ଯ୍ୟ ଉପରେ ସର୍ତ୍ତ ସୃଷ୍ଟି କରୁଛି। ସଭ୍ୟମାନଙ୍କର ଫଳପ୍ରଦ ରୋଜଗାର ବଢ଼ଇବା, ଯଥେଷ୍ଟ ପରିମାଣର ଖାଦ୍ୟ ଓ ପୁଷ୍ଟି ବୃଦ୍ଧି କରିବା, ସ୍ୱାସ୍ଥ୍ୟ ରକ୍ଷାର ଉପାୟ ପାଇଁ ଉପଯୁକ୍ତ ଗଠନ ତୟାର କରୁଛି, ସଭ୍ୟମାନଙ୍କ ଛୁଆ ପିଲାଙ୍କର ଯତ୍ନ ପାଇଁ ସୁବିଧା କରୁଛି, ବାସଗୃହ ଅବସ୍ଥାର ବିକାଶ କରୁଛି, ବ୍ୟକ୍ତିଗତ ସଭ୍ୟମାନଙ୍କର ନିଜସ୍ୱ ସମ୍ପତ୍ତି ସୃଷ୍ଟି କରିବା ପାଇଁ ପ୍ରେରଣା ଯୋଗାଉଛି, କର୍ମକର୍ତ୍ତାଙ୍କ ସାଂଗଠନିକ ଶକ୍ତିକୁ ବୃଦ୍ଧି କରୁଛି, କର୍ମକର୍ତ୍ତାଙ୍କ ନେତୃତ୍ୱ ବିକାଶ ପାଇଁପ୍ରୋତ୍ସାହନ କରୁଛି ଏବଂ ସଭ୍ୟମାନଙ୍କ ମଧ୍ୟରେ ସାମୁହିକ ଓ ବ୍ୟକ୍ତିଗତ ଆତ୍ମ ନିର୍ଭରଶୀଳତା ପାଇଁପ୍ରୋତ୍ସାହନ କରୁଛି। କ୍ଷୁଦ୍ରଋଣ ସହାୟତା କରିସ୍ୱ-ରୋଜଗାରୀ ମହିଳାମାନଙ୍କ ଜୀବନ ଜୀବିକାକୁ ନିରାପଦ କରିବା ସେୱାର ମୂଖ୍ୟ କାର୍ଯ୍ୟ। ଉପରୋକ୍ତ ସମସ୍ତ ଲକ୍ଷ୍ୟ ଗୁଡ଼ିକ ମଧ୍ୟରେ ସେୱା ବ୍ୟାଙ୍କକୁ ପରିଚାଳନା କରିବା ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସେୱା ସହିତ ଛନ୍ଦିହୋଇଥିବା ଗରୀବ ମହିଳାମାନେ ଦୁଇଟି ମୂଖ୍ୟ ସମସ୍ୟାକୁ ଅନୁଭବ କରୁଛନ୍ତି, ଯଥା- କାର୍ଯ୍ୟ କରିବା ପାଇଁ ପୁଞ୍ଜିର ଅଭାବ ଏବଂ ସମ୍ପତ୍ତିର ମାଲିକ ସତ୍ତ୍ୱକୁ ପାଇ ନ ପାଇବା ଯାହା ଋଣ ପାଇବା ପାଇଁ ପାର୍ଶ୍ୱିକ ସାହାଯ୍ୟ ହୋଇପାରନ୍ତା। ମୂଖ୍ୟତଃ ଛୋଟ ଉପାର୍ଜନ ଅର୍ଥ ମୂଳ ପୁଞ୍ଜିର ସୁଧ ପରିଶୋଧ କରିବାରେ ଏବଂ ବ୍ୟବସାୟୀକ ଉପକରଣର ଭଡ଼ା ସୁଝିବାରେ ବ୍ୟବହାର ହେଉଛି। ୧୯୭୩ ମସିହାରେ ମହିଳାମାନେ ସେ ସମସ୍ୟା ଚକ୍ରରୁ ଉଦ୍ଧାର ପାଇବା ପାଇଁ ସେୱା ଜାତୀୟକରଣ ବ୍ୟାଙ୍କ ବ୍ୟବସ୍ଥା ପାଇଁଯୋଜନା ପ୍ରସ୍ତୁତ କଲା। କାରଣ ଶିକ୍ଷାର ଅଭାବ, ବ୍ୟାଙ୍କ କାରବାର ଉପରେ ପରିଚୟର ଅଭାବ, ବ୍ୟାଙ୍କ ସମୟସୀମା ଭିତରେ ଆବଶ୍ୟକତା ଗୁଡ଼ିକ ଅନୁକୂଳ ହୋଇପାରେ ନାହିଁ ଏବଂ ବ୍ୟଙ୍କ କର୍ମଚାରୀଙ୍କ ମନୋଭାବ ଯୋଗୁଁ ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେଣୁ ୪୦୦୦ ସ୍ୱ-ରୋଜଗାରୀ ମହିଳାଙ୍କୁନେଇ ପ୍ରାଥମିକ ସ୍ତରରେ ପ୍ରତ୍ୟେକଙ୍କ ଠାରୁ ୧୦ ଟଙ୍କା ଅନୁଦାନ ସଂଗ୍ରହ କରି ସେୱା ତାଙ୍କ ନିଜର ସ୍ୱତନ୍ତ୍ର ଏକ ବ୍ୟାଙ୍କ ଗଠନ ପାଇଁ ନିଷ୍ପତି ନେଲା। ୧୯୭୪ ମସିହାରେ ଶ୍ରୀ ମହିଳା ସେୱା ସହକାରୀ ବ୍ୟାଙ୍କ ଲିମିଟେଡ୍

ରେଜିଷ୍ଟ୍ରିଭୁକ୍ତ ହେଲା । ସେଓ୍ୱା ବ୍ୟାଙ୍କ ଗରିବ, ଅଶିକ୍ଷିତ ଏବଂ ଗ୍ରାମ ବିକାଶ ଭୂକ୍ତ ସ୍ୱ-ରୋଜଗାରୀ ମହିଳାମାନଙ୍କୁ କ୍ଷୁଦ୍ରଋଣ ସହାୟତା କରିଆସୁଛି ଏବଂ ମହିଳା ବିକାଶ ପାଇଁ ଗୋଟିଏ ସଫଳ ଆର୍ଥିକ ଉଦ୍ୟମ ରୂପେ ଆବିର୍ଭୂତ ହୋଇ ପାରିଛି । ସେଓ୍ୱା ବ୍ୟାଙ୍କ ନମନୀୟ ପ୍ରଣାଳୀର ସଞ୍ଚୟ ଯଥେଷ୍ଟ ଗୁରୁତ୍ୱଦେଇ କାର୍ଯ୍ୟ କରୁଛି । ଏହା ଅନୁଭବ କରେ କି ମହିଳାମାନେ ସଞ୍ଚୟ କରିବା ପାଇଁ ପ୍ରସ୍ତୁତ କିନ୍ତୁ ତାଙ୍କର ଆବଶ୍ୟକତାକୁ ଲକ୍ଷ୍ୟ କରି ଆର୍ଥିକ ସେବା ଦିଆଯିବ । ତେଣୁ ସେଓ୍ୱା ବ୍ୟାଙ୍କ ନିମ୍ନଲିଖିତ ଅଭିନବୀକରଣକୁ ପ୍ରସ୍ତୁତ କଲା, ଯଥା-ଘର କିମ୍ୱା ବଜାର ଠାରୁ ସଞ୍ଚୟ ସଂଗ୍ରହ, ଫୋଟ ଓ ଦସ୍ତଖତ ଥାଇ ବ୍ୟାଙ୍କ ସଞ୍ଚୟ ବହି ଜରିଆରେ ସଞ୍ଚୟ ସଂଗ୍ରହ, ଋଣ ପାଇଁ ନମନୀୟ ନୀୟମ କାନୁନ୍ର ପ୍ରସ୍ତୁତି, ସଭ୍ୟମାନଙ୍କର ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଋଣ ପାଇଁ ନମନୀୟ ନୀୟମ କାନୁନ୍ ପ୍ରସ୍ତୁତି କଲା, ଅଭିନବ ସଞ୍ଚୟ ଓ ଋଣ ଯୋଜନା ଏବଂ ବ୍ୟାଙ୍କର କାର୍ଯ୍ୟ ପଦ୍ଧତିକୁ ଠିକ୍ ରଖିବା ପାଇଁ ପ୍ରଶିକ୍ଷଣ ଓ ସହାୟତା ପ୍ରଦାନ । ଗରିବ ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ନିରାପ୍ତା ପାଇଁ କ୍ଷୁଦ୍ର ସଞ୍ଚୟ ମୂଖ୍ୟ ଭୂମିକା ଗ୍ରହଣ କରେ ଯାହାକୁସେଓ୍ୱା ବ୍ୟାଙ୍କର ଅଭିଜ୍ଞତା ରୂପେ ପ୍ରଦର୍ଶିତ ହୋଇଛି । ଗରିବ ମହିଳାମାନଙ୍କ ସମ୍ୱଳ ବୃଦ୍ଧିର ଏକ ରାସ୍ତା ରୂପେ ଏହା ପରିକ୍ଷିତ ହୋଇଛି । ସ୍ୱ-ରୋଜଗାରୀ ମହିଳାମାନଙ୍କ ନିୟନ୍ତ୍ରଣରେ ସଞ୍ଚୟ ଅର୍ଥ ଭିତ୍ତିକ କାର୍ଯ୍ୟ ବିକାଶ ପାଇଁ ସାହାଯ୍ୟ କରେ, ଯେହେତୁ ବ୍ୟାଙ୍କ ବାଲାନ୍ସ ଚୂକ୍ତି ଋଣ ପାଇବା ପାଇଁ ସରଳ ସହଜ ହୁଏ । ସଂଚୟ ମଧ ପରିବାର ଓ ଗୋଷ୍ଠୀର ମୂଖ୍ୟ ପୋଷଣକାରୀ ଭାବେ କାର୍ଯ୍ୟକରି ସାମାଜିକ ପଦମର୍ଯ୍ୟାଦାକୁ ବଢ଼ାଏ । ସମନ୍ୱିତ ପ୍ରଣାଳୀ କ୍ଷୁଦ୍ରଋଣ ପ୍ରାପ୍ୟ କିମ୍ୱା ଆର୍ଥିକ ବ୍ୟବସ୍ଥାର ସେବା ପାଇବାସ୍ୱ-ରୋଜଗାରୀ ମହିଳା ମାନଙ୍କର ଚିରସ୍ଥାୟୀରୋଜଗାରର ଯଥେଷ୍ଟ ଅବସ୍ଥା ନୁହେଁ । ଏହା ଅତ୍ୟାବଶକ ଭାବେ ଅର୍ଥ ଉପାର୍ଜନ ଭିତ୍ତିକ କାର୍ଯ୍ୟ ଗୁଡ଼ିକ ଲାଭଦାୟକ ଉଦ୍ୟୋଗରେ ପରିଣତ ହୋଇ ନପାରେ । ସମନ୍ୱୀତ ପ୍ରଣାଳୀରେ ସେଓ୍ୱା ଦ୍ୱାରା ଗୃହୀତ କ୍ଷୁଦ୍ରଋଣ ବେଶ୍ କିଛି ଅର୍ଥ ଉପାର୍ଜନ, ସ୍ୱରୋଜଗାରୀ ମହିଳାଙ୍କ ମଧ୍ୟରେ ଘର ଉପକରଣ ଏବଂ ଜୀବନ ଜୀବିକା ଗଠନ ପାଇଁ ସାହାଯ୍ୟ କରେ । ସେଓ୍ୱା ବ୍ୟାଙ୍କର ପ୍ରଣାଳୀରେ କିଛି ପ୍ରଭେଦର ଲକ୍ଷଣ ଅଛି କ୍ଷୁଦ୍ରଋଣ ବ୍ୟବସ୍ଥା ଉପରେ, କାରଣ ଗରିବ କେତେକ ସୁବିଧା ପାଇବା ପାଇଁ ଆବଶ୍ୟକ କରେ, ଯଥା- ବଜାର ବ୍ୟବସ୍ଥା ଉପରେ ସୂଚନା, ଯାନ୍ତ୍ରିକ ଓ ବୈଷୟିକ ନିବେଶ ଉତ୍ପାଦନକୁ ବୃଦ୍ଧିକରେ, ଯଥା- ବଜାର ପରିଚାଳନା ପାଇଁ ଅଧିକ ଅନ୍ତର୍ନିର୍ମାଣ, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷାର ସୁବିଧା, ଉଦ୍ୟୋଗ ପରିଚାଳନାର ଦକ୍ଷତା ଉପରେ ସୂଚନା ଏବଂ ନିଷ୍ପତି ଗ୍ରହଣ ପ୍ରଣାଳୀରେ ଅଂଶ ଗ୍ରହଣ । ସେବା ବ୍ୟାଙ୍କ ସେଓ୍ୱା ଅନୁଷ୍ଠାନ ସହିତ ବ୍ୟବସାୟୀ ସଂଘ ଏବଂ ଅନ୍ୟାନ୍ୟ ଆର୍ଥିକ ସଂଗଠନ ଗୁଡ଼ିକ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ କାର୍ଯ୍ୟ କରେ । ସେଓ୍ୱାର ମୁଖ୍ୟ ପ୍ରାଧାନ୍ୟତାହେଉଛି ମହିଳାମାନେ ଅନେକ ସମ୍ପତ୍ତି ଭିତ୍ତିକ ଉପକଣ ସୃଷ୍ଟି କରି ତାର ମାଲିକାନାତ୍ୱକୁ ପାଇବେ । କୃଷିଭିତ୍ତିକ ଜମି, ଘର ଏବଂ ଅନ୍ୟାନ୍ୟ ସମ୍ପତ୍ତିକୁ ମହିଳାମାନଙ୍କ ନାମରେ ବଦଳେଇବା ପାଇଁ ଏହା ପ୍ରୋତ୍ସାହନ କରେ । ସେବା ବ୍ୟାଙ୍କର ନିର୍ବାଚିତ ପ୍ରତିନିଧି ମାନଙ୍କ ଦ୍ୱାରା ନିର୍ଦ୍ଦେଶକ ବୋର୍ଡ଼ ଗଠନ କରାଯାଏ । ସମସ୍ତ ଋଣକୁବୋର୍ଡ଼ ଅନୁମୋଦନ (ମଞ୍ଜୁର) କରେ ଏବଂ ଭିନ୍ନ ଭିନ୍ନ ପ୍ରକାର ସୁଧର ମୂଲ୍ୟ ନିର୍ଦ୍ଧାରଣର ନିଷ୍ପତି ନିଏ । ସେଓ୍ୱା ବ୍ୟାଙ୍କ ଧିରେ ଧିରେ ଏକ ଜୀବନକ୍ଷମ ଆର୍ଥିକ ୟୁନିଟ୍ ରୂପେ ଗଢ଼ି ଉଠିଲା । ୩୩୪ ଟି ଗ୍ରାମ୍ୟ ବ୍ୟାଙ୍କ ଗୁଡ଼ିକ ପ୍ରାଥମିକ ସ୍ତରରେ ସହରାଞ୍ଚଳରେ କାର୍ଯ୍ୟାରମ୍ଭହେଲା । ପରେ ଏହା ଗ୍ରାମାଞ୍ଚଳକୁ ପ୍ରସାରିତ ହେଲା । ୧୯୭୫ ମସିହାରେ ସେଓ୍ୱା ତାର କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ଆରମ୍ଭ କଲା । ଏହା କୃଷିଭିତ୍ତିକ ଶ୍ରମିକମାନଙ୍କୁ ସଂଗଠିତ କରିବାରେ ଶକ୍ତି ଯୋଗାଇଲା । ସେଓ୍ୱା ଅନୁଭବ କଲାଯେ,

ବିକାଶମୂଳକ କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପ୍ରସାରିତ କରିବା ଗୋଟିଏ ବଡ଼ ଆବଶ୍ୟକତା। ମହିଳାମାନେ ବିକାଶ ମୂଳକ କାର୍ଯ୍ୟପାଇଁ କ୍ଷୁଦ୍ରଋଣ ଆବଶ୍ୟକତା କଲେ କିନ୍ତୁସେମାନେ ବ୍ୟାଙ୍କରେ ପ୍ରବେଶ କରିବା ପାଇଁ କୌଣସି ଉପାୟ ନଥିଲା। ବ୍ୟକ୍ତିଗତ ଋଣଦାତାମାନେ ଗ୍ରାମ୍ୟ ସଂଗଠନ ଗୁଡ଼ିକକୁ ଅଧିକ ସୁଧ ଦେବା ପାଇଁ ବାଧ କରୁଥିଲେ। ସେଓ୍ୱାର ଗ୍ରାମାଞ୍ଚଳରେ ଥିବା ସଭ୍ୟମାନଙ୍କୁ କ୍ଷୁଦ୍ରଋଣ ପ୍ରଦାନ ପାଇଁ ସେଓ୍ୱା ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତି ନିୟମ ସୁଯୋଗ ଦେଲା ନାହିଁ। ସେଓ୍ୱା ସମବାୟ ସମିତି, ଉତ୍ପାଦକ ଦଳ ଓ ସଂଘ ଗଠନ ପାଇଁ ସେଓ୍ୱା ମହିଳା ମାନଙ୍କ ସଂଗଠନ ପ୍ରକ୍ରିୟା ଚାଲୁ ରଖିଲା। ଯାହାହେଉ, ତାଙ୍କର କାର୍ଯ୍ୟକ୍ରମ ଋଣ ଅନୁମୋଦନ ପାଇଁ ସାହାଯ୍ୟ କରିପାରିଲା ନାହିଁ। ସର୍ବଶେଷରେ ୧୯୯୨ ମସିହାରେ ମରାର୍ଥେ କମିଟି ରିପୋର୍ଟ ଗ୍ରାମ୍ୟ ବ୍ୟାଙ୍କ ଗୁଡ଼ିକ ପାଇଁ କେତେକ ବ୍ୟବସ୍ଥା ସୃଷ୍ଟିକଲେ। ୧୯୯୪ ମସିହାରେ ସେଓ୍ୱା ବ୍ୟାଙ୍କ ବାଛିତ ପାଞ୍ଚ ଗୋଟି ଅଞ୍ଚଳରେ କ୍ଷୁଦ୍ରଋଣ ସୁବିଧାକୁ ପ୍ରସାରିତ କରିବା ପାଇଁ ସକ୍ଷମ ହେଲେ। ବହୁଦିନ ପରେ ଗ୍ରାମ୍ୟ ମହିଳା ଦଳଗୁଡ଼ିକଙ୍କ ଜରିଆରେ ବାସ୍ତବତାକୁ ପ୍ରସାରିତ କରାଗଲା ଯାହା ରେଜିଷ୍ଟ୍ରିଭୁକ୍ତ ନୁହେଁ, କିନ୍ତୁ ଜିଲ୍ଲାସ୍ତରରେ ସଞ୍ଚୟ ଓ ଋଣ ସଂଘ ନାମରେ ରେଜିଷ୍ଟ୍ରିଭୁକ୍ତ ହୋଇ ପାରିଛି। ସେଓ୍ୱା ବ୍ୟାଙ୍କ ତାର କାର୍ଯ୍ୟକୁ ଗ୍ରାମ୍ଯାଳରେ ପ୍ରସାରିତ ହୋଇଛି ଏବଂ ଲୋକଙ୍କ ମଧ୍ୟରେ ବଢୁଥିବାସ୍ୱ-ରୋଜଗାରୀ ମହିଳା ମାନଙ୍କୁ ସେବା ଯୋଗାଉଛି। ମହିଳାମାନଙ୍କ ସଂଚୟକୁ ଉତ୍ସାହିତ ଓ ଅନୁପ୍ରାଣିତ କରି ନୂତନ ବ୍ୟବସ୍ଥା ଓ ଭାବନାରେ ସେଓ୍ୱା ବ୍ୟାଙ୍କ କରଜ ଦେବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ସେମାନଙ୍କ ପାଇଁ ଅନେକ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇ ପାରିଛି। ସେଓ୍ୱା ବ୍ୟାଙ୍କ ବ୍ୟକ୍ତିଗତ ଓ ଦଳଗତ ଭିତ୍ତିରେ ଋଣ ପ୍ରଦାନ କରୁଛି। ଗ୍ରାମାଞ୍ଚଳରେ ଦଳଗତ ପ୍ରଣାଳୀ ରୋଜଗାରକ୍ଷମ କରୁଛି, ଯେତେବେଳେ ବ୍ୟକ୍ତିଗତ ପ୍ରଣାଳୀ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଛି। ପ୍ରତ୍ୟେକ ଗ୍ରାମରେ ସଂଚୟଦଳ ଗଠନ ହୋଇଛି। ଦଳର ଆକାର ୧୦ ରୁ ୧୫ ଜଣ ମହିଳାମାନଙ୍କ ମଧ୍ୟରେ ସୀମିତ ଥାଏ। ପ୍ରତ୍ୟେକ ମହିଳାଙ୍କୁ ପାସବୁକ୍ ଦିଆଯାଇଛି, ଦୁଇ କିମ୍ବା ତିନି ଜଣ ଦଳପତି ସଭ୍ୟ ଦଳଗତ ପାସବୁକ୍‌କୁ ଠିକଠାକ୍ କରନ୍ତି। ମହିଳା ମାନଙ୍କୁ ବ୍ୟାଙ୍କର ନୀତି ନୀୟମ ଉପରେ ପ୍ରଶିକ୍ଷଣ ଦିଆଯାଉଛି ଏବଂକେବଳ ଦଳପତି ବା ଦଳର ନେତ୍ରୀମାନେ ଦଳ ଏବଂସେଓ୍ୱା ବ୍ୟାଙ୍କର ସମ୍ମୁଖିନ ହୁଅନ୍ତି। ଦଳର ନେତ୍ରୀମାନେ ତାଙ୍କର ମାସିକ ସଂଚୟକୁ ବ୍ୟାଙ୍କରେ ଜମା କରିବା ପାଇଁ ପ୍ରେରଣା ଓ ସଚେତନ ସୃଷ୍ଟି କରନ୍ତି। ସେଓ୍ୱା ବ୍ୟାଙ୍କ ବ୍ୟବହାର ଏବଂ ଉତ୍ପାଦକ ଭିତ୍ତିକ ଋଣ ମଧ୍ୟରେ ପାର୍ଥକ୍ୟତା ରଖେ ନାହିଁ। ଏହା ବିଶ୍ୱାସ କରେ କି ବ୍ୟବହାରିକ ଖର୍ଚ୍ଚ ଖାଦ୍ୟ, ସ୍ୱାସ୍ଥ୍ୟ, ପୁଷ୍ଟିସାର ଇତ୍ୟାଦି ଉପରେ ନିର୍ଭର କରେ ଯାହା ଗରିବକୁ ସାହାଯ୍ୟ କରେ ମୂଳ ଉତ୍ପାଦକ "ଶ୍ରମ" କୁ ସଂରକ୍ଷଣ। ଗରିବରୁ ଅତି ଗରୀବଙ୍କ କ୍ଷେତ୍ରରେ ବ୍ୟବହାରିକ ଖର୍ଚ୍ଚ ଓ ଉତ୍ପାଦକ ଋଣ ମଧ୍ୟରେ କ୍ଷୁଦ୍ରଋଣ ବ୍ୟବସ୍ଥାର କୌଣସି ପାର୍ଥକ୍ୟତା ହୋଇ ନପାରେ। ସେଓ୍ୱା ବ୍ୟାଙ୍କ ଅଭିଜ୍ଞତାରୁ ଶିକ୍ଷାଲାଭ କରିସ୍ୱାଭାବିକ ଭାବେ କ୍ରମ ବିକାଶର ପ୍ରକ୍ରିୟା ଗରୀବ ମହିଳାଙ୍କ ସହ ବ୍ୟାଙ୍କ କାରବାରର କୌଣସି ସାଦାସିଧା ନୀୟମ ଉପଲବ୍ଧ ନଥିଲା। ସ୍ୱ-ରୋଜଗାର କାର୍ଯ୍ୟକ୍ରମ ଉପରେ ତାଙ୍କ ପାଖରେ କୌଣସି ଇତିହାସ କିମ୍ବା ଲିଖିତ ସୂଚନା ନଥିଲା। ଯଦିଓ କରଜ ଦେବାଗୋଟିଏ ବଡ଼ କ୍ଷତିର ଭୟ, ସେଓ୍ୱା ବ୍ୟାଙ୍କ ସେ ସମସ୍ତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଅଭିନବ ଯୋଜନା ପ୍ରସ୍ତୁତ କଲା। ପ୍ରାୟ ଅଧିକାଂଶ ମହିଳା ଅଶିକ୍ଷିତ ଥିଲେ। ତେଣୁ ସୁବିଧା ପ୍ରକ୍ରିୟାକୁ ଆପଣାଇ ଘର ଦ୍ୱାର ମୁହଁରେ ସେବା ଯୋଗାଗଲା। ସେଓ୍ୱା ବ୍ୟାଙ୍କ ଗରୀବ ମହିଳାଙ୍କ ଆର୍ଥିକ ଆଚରଣ ପାଇଁ କେବଳ କ୍ଷାତି ଅର୍ଜନ କରିଛି ବରଂ ତାଙ୍କର ସୁରକ୍ଷା ଓ ସହପାର୍ଶିକ ସାହାଯ୍ୟକୁ ନିଶ୍ଚିତ କରି ପାରିଛି। ଏହା ମହିଳାମାନଙ୍କର ନିଜସ୍ୱ ରାସ୍ତା ତିଆରି

କରିଛି ଏବଂ ଦଳର ମାନସିକ ଚାପରେ ପରିଶୋଧ ହୋଇ ପାରୁଛି। ଋଣ ଅନ୍ୟାନ୍ୟ ସେବାଗୁଡ଼ିକ ପାଇବା ପାଇଁ ସଂଯୋଗ ହୋଇଛି, ଯଥା- ବୀମା, ସ୍ୱାସ୍ଥ୍ୟ ଯତ୍ନ, ଶିଶୁର ଯତ୍ନ, ଆଇନଗତ ସହାୟତା ଏବଂ ପ୍ରଶିକ୍ଷଣ ଯାହା ଗରିବ ମହିଳାଙ୍କ ଆର୍ଥିକ ଦୁର୍ବଳତାକୁ ହ୍ରାସ କରୁଛି। ସେଓ୍ୱା ବ୍ୟାଙ୍କ ଋଣଗ୍ରାହୀମାନଙ୍କୁ ଯାନ୍ତ୍ରିକ ସହାୟତା ଯୋଗାଉଛି। ଏହା ତାଙ୍କୁ ଉପଯୁକ୍ତ କାର୍ଯ୍ୟରେ ନିବେଶ (କଞ୍ଚାମାଲ, ଉପକରଣ) କରିସ୍ୱ-ରୋଜଗାର କାର୍ଯ୍ୟରେ ଆବଶ୍ୟକ ହେଉଥିବା କ୍ଷେତ୍ରରେ ସକ୍ଷମ କରେ। ଏହା ପଣ୍ୟଦ୍ରବ୍ୟ ଓ ଅନ୍ୟାନ୍ୟସେବା ବିକ୍ରି ପାଇଁ ବଜାର ସହିତ ସଂଯୋଗ କରେ। ସେଓ୍ୱା ବ୍ୟାଙ୍କ ଆର୍ଥିକ ସକ୍ଷୟ ହେବାପାଇଁ ସ୍ୱ-ରୋଜଗାର କାର୍ଯ୍ୟଗୁଡ଼ିକ ଉପରେ ସାହାଯ୍ୟ କରେ, ଏହା ଋଣ ପରିଶୋଧ ପାଇଁ ସହଯୋଗ କରେ। ଋଣ ଏବଂ ସୁଧ ଉପରେ ଧାର୍ଯ୍ୟ କରିବା ପାଇଁ ଗ୍ରାମାଞ୍ଚଳର ଦଳ ଗୁଡ଼ିକ ନିଷ୍ପତି ନିଅନ୍ତି। ଆଦାନ ପ୍ରଦାନ ଅଂଶଗ୍ରହଣ ଏବଂ ବ୍ୟକ୍ତିଗତ ସଂପର୍କ ସେଓ୍ୱା ବ୍ୟାଙ୍କ ଓ ସଭ୍ୟମାନଙ୍କ ମଧ୍ୟରେ ଦୃଢ଼ ସଂପର୍କ ସ୍ଥାପନ କରିଛି। ସେଓ୍ୱା ବ୍ୟାଙ୍କ ସଭ୍ୟମାନେ ତାଙ୍କର ମାଁ ରୂପେ ସମ୍ମାନ କରନ୍ତି। ନୀୟମିତ ଦେଖା ସାକ୍ଷାତ ଏବଂ ଯୋଗାଯୋଗ ପ୍ରକ୍ରିୟା ସେଓ୍ୱା ବ୍ୟାଙ୍କ, ସେଓ୍ୱା, ସମବାୟ ସମିତି ଏବଂ ଋଣଗ୍ରାହୀଙ୍କ ମଧ୍ୟରେ ଥିବା ଆର୍ଥିକ କ୍ଷତିର ଭୟକୁ ଦୂର କରି ସୂକ୍ଷ୍ମ ଭାବରେ ଋଣ ପରିଶୋଧ ପାଇଁ ନିଶ୍ଚିତ କରୁଛି। ସେଓ୍ୱା ବ୍ୟାଙ୍କ ଉଚ୍ଚକୋଟିର ସ୍ଥିତିକୁ ଲାଭ କରି ପାରିଛି ଏବଂ ସ୍ୱ-ରୋଜଗାରୀ ମହିଳାମାନଙ୍କ ମଧ୍ୟରେ ସଶକ୍ତିକରଣ ପାଇଁ ଏକ ସଫଳ ଉଦାହରଣ ପାଲଟିଛି। ସେଓ୍ୱା ଓ ସେଓ୍ୱା ବ୍ୟାଙ୍କର ସଫଳ ଅଭିଜ୍ଞତା ପ୍ରଦର୍ଶିତ ହୋଇଛିଯେ, ଗରିବମାନେ ସମାଜରେ ଗୋଟିଏ ଭାର ସଦୃଶ୍ୟ ନୁହନ୍ତି। ସମାଜରେ ତାଙ୍କର ସ୍ୱ-ରୋଜଗାର କାର୍ଯ୍ୟଗୁଡ଼ିକ ବଳକା ଅର୍ଥ ଉପାର୍ଜନ ପାଇଁ ପ୍ରକାଣ୍ଡ ଶକ୍ତିସ୍ୱରୂପ। ଯଦି ଗୋଟିଏ ଗରୀବ ଉତ୍ସର୍ଗୀକୃତ ନେତୃତ୍ୱରେ ପଥପ୍ରଦର୍ଶିତ ଓ ଅନୁପ୍ରାଣିତ ହୋଇ କାର୍ଯ୍ୟ କରେ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମୂଳକ ଉଦ୍ୟୋଗ ପରିଚାଳନା ପାଇଁ ପ୍ରସାହିତ ହୁଏ (ଏ କ୍ଷେତ୍ରରେ ସେଓ୍ୱା ଓ ସେଓ୍ୱା ବ୍ୟାଙ୍କ), ତାହା ଗ୍ରାମ୍ୟ ସଂଗଠନ ଗୁଡ଼ିକ କ୍ଷେତ୍ରରେ ତାଙ୍କର ଭୂମିକା ଓ ଅଭିଜ୍ଞତା ସମ୍ପଦକୁ ନଷ୍ଟ କରି କାର୍ଯ୍ୟ ସଂପାଦନ କଲେ ବହୁତ ବଳକା ଅର୍ଥ ଉତ୍ପାଦନ ହୋଇପାରିବ। ଭାରତ ଭଳି ଗୋଟିଏ ଗଣତାନ୍ତ୍ରିକ ଦେଶରେ ଗ୍ରାମାଞ୍ଚଳ ବିକାଶ ସମ୍ଭବ ଯେତେବେଳେ ଗଣତାନ୍ତ୍ରିକ ପ୍ରଣାଳୀକୁ ପ୍ରସାରିତ କରାଯିବ ଏବଂ ସମାଜର ତୃଣମୂଳ ସ୍ତରରେ ନ୍ୟାୟ ସଂଗତ ଅର୍ଥ ବ୍ୟବସ୍ଥା ଗଠନ ହେବ।

**ତୁମର ପ୍ରଗତିକୁ ନିୟନ୍ତ୍ରଣ କର -୦୨:**

(କ) ତୁମର ଉତ୍ତର ପାଇଁ ତଳେଥିବା ସ୍ଥାନକୁ ବ୍ୟବହାର କର ।

(ଖ) ଉତ୍ତର ତିଆରି ପାଇଁ ଏହି ବିଭାଗର ବିଷୟ ବସ୍ତୁକୁପ୍ରେରଣ କର ।

(ଗ) ସେଓ୍ୱାର ମୂଖ୍ୟ ଲକ୍ଷ୍ୟ ଗୁଡ଼ିକ ତାଲିକା କର ।

(ଘ) କ୍ଷୁଦ୍ରଋଣ ପାଇଁ ସେଓ୍ୱା ବ୍ୟାଙ୍କ ଦ୍ୱାରା ଆଦୃତ ନୂତନ ପ୍ରଣାଳୀକୁ ସଂକ୍ଷିପ୍ତରେ ବର୍ଣ୍ଣନା କର ।

## ୨.୧୨ ମାଇରାଡ଼ା (MYRADA)

ସ୍ୱୟଂ ସହାୟକ ଦଳ ଗୁଡ଼ିକ – ଗୋଟିଏ ଉପଯୁକ୍ତ ଅନୁଷ୍ଠାନ

ମାର୍ଚ୍ଚ ମାସ ୨୯ ତାରିଖ ୧୯୯୫ ମସିହାରେ ସଂଶୋଧନ ହେଲା:

ଅକ୍ଟୋବର ମାସ ୭ ତାରିଖ ୧୯୯୭ ମସିହା (୧) ସଂଜ୍ଞା: କୌଣସି ହସ୍ତକ୍ଷେପକୁ ଭିତ୍ତି କରି ସ୍ୱୟଂ ସହାୟକ ଦଳ ଆବିର୍ଭୁତ ହୁଏ। ସଭ୍ୟମାନେ ଗୋଟିଏ ସାଧାରଣ ବନ୍ଧନରେ ଯୋଡ଼ିତ ହୋଇଥାନ୍ତି, ଯଥା- ଜାତି, ଉପଜାତି, ରକ୍ତଗତ, ଗୋଷ୍ଠୀ, ଜାଗା କିମ୍ବା କାର୍ଯ୍ୟର ଉପୃତ୍ତି। ହସ୍ତକ୍ଷେପକାରୀମାନେ ହୋଇପାରନ୍ତି- ସ୍ୱେଚ୍ଛାସେବୀ ସଂଗଠନ/ସଂସ୍ଥା, ବ୍ୟାଙ୍କ କିମ୍ବା ସରକାରଙ୍କ ଅଭିଜ୍ଞତା ଏ ପ୍ରାକୃତିକ ଦଳକୁ ଚିହ୍ନଟ କରିଛି ଯାହାକୁ ସାଧାରଣ ଭାବରେ ଗୋଟିଏ "ଆଶକ୍ତି ଦଳ" ବୋଲି କୁହାଯାଉଛି। ଏକା ସଙ୍ଗରେ ଦଳରେ କ'ଣ ଯୋଡ଼ି ହୋଇଛି, ଅତଏବ ଋଣ ପ୍ରାଥମିକ ଆବଶ୍ୟକତା ନୁହେଁ କିନ୍ତୁ ଗଚ୍ଛିତ ସଂପର୍କ, ପାରସ୍ପାରିକ ଓ ଧୈର୍ଯ୍ୟ ତିଆରି କରୁଛି, ଦଳ ସଭ୍ୟମାନଙ୍କ ପାରସ୍ପରିକ ଇଚ୍ଛା, ସାମାଜିକ ଓ ସମଜାତୀୟତାର ମାପ ଏବଂ ସଭ୍ୟମାନଙ୍କ ଅନ୍ତନଳୀର ଭାବନା ଯାହା ଦଳ ଉତ୍ସର୍ଗ କରୁଛି ଏବଂ ସୁଯୋଗ ଦେଉଛି ତାଙ୍କର ପ୍ରତିବାକୁ ହୃଦୟଙ୍ଗମ କରିବା ପାଇଁ, ଦମନ ହୋଇଥିବା ଉଚ୍ଚାଭିଳାଷ ସାମାଜିକ ଉତ୍ତେଜନା ନଥାଇ ଆର୍ଥିକ ଓ ସାମାଜିକ ବିକାଶ କରିବ ଯେଉଁଥିପାଇଁ ସେମାନେ କୌଣସି ଆଇନ୍ ଦ୍ୱାରା ବଳବତ୍ତରଣୀୟ ଚୁକ୍ତିରେ ଆବଦ୍ଧ ହେବେ ନାହିଁ। ନିଟକରେ ହୋଇଥିବା ସର୍ଭେକ୍ଷଣରୁ ଜଣା ପଡ଼ିଛି ଯେଉଁଠାରେ ଗରିବ ସ୍ୱୟଂ ସହାୟକ ଦଳ ଗୁଡ଼ିକ ଭଲ କାର୍ଯ୍ୟ କରନ୍ତି ତେବେ ତାହା ଚିହ୍ନିତ କରେ ଦଳ ପାଇଁ ଗରିବମାନେ ଗଭୀର ସମ୍ମାନ ପାଇବା ହକଦାର୍ କାରଣ ସେମାନେ ଦ୍ୱିପାଖିରେ ସଫଳକୃତ ହୋଇଛନ୍ତି, ଯଥା- ତାଙ୍କ ଜୀବନ ଜୀବିକାର ବିକାଶ ସହିତ ଜନସାଧାରଣଙ୍କ ଭଲ ପାଇଁ କାର୍ଯ୍ୟକ୍ରମ ସମ୍ପାଦନ କରୁଛନ୍ତି, ଏମିତିକି ବହୁଦିନରୁ ଲାଗି ରହିଥିବା ଅଶାନ୍ତିକୁ ସମାଧାନ କରୁଛନ୍ତି। ଉଦାହରଣ ସ୍ୱରୂପ କ୍ଷେତ୍ର ପରିଦର୍ଶନ ଯାହା ମୁଖ୍ୟ ରାସ୍ତା ଠାରୁ କିଛି ଦୂର କ୍ଷେତ୍ର ଜରିଆରେ ଜଣେ ଚାଲିବାକୁ ଥିଲା। ରାସ୍ତା ଉପରେ ଗୋଟିଏ ମିସ୍ତ୍ରୀ ଦଳ ଗମ୍ବୁଜ ତିଆରି କରୁଥିଲେ ଯେ କାଦୁଅ କ୍ଷେତ୍ର ବା ପଡ଼ିଆକୁ ଆବଦ୍ଧ କରିଥିଲା। ସେମାନେ ବର୍ଣ୍ଣନା କରି କହିଲେ ଯେ ଏହି ଗମ୍ବୁଜ ଜଣେ ବ୍ୟକ୍ତି ଦାନ କରିଛନ୍ତି ଯିଏକି ମନ୍ଦିରରେ ଶପଥ ନେଇଥିଲେ। ମହିଳା ସ୍ୱୟଂ ସହାୟକ ଦଳ ବାସ୍ତବରେ କମ୍ପିତ ଏବଂ ପ୍ରକୃତରେ ସଶକ୍ତିକରଣ ଅନୁଷ୍ଠାନ ରୂପେ ଗ୍ରାମରେ ଥିଲା। ବୈଠକର ଶେଷ ବେଳକୁ ସେମାନେ ଗ୍ରାମର ଆବଶ୍ୟକତାକୁ ପ୍ରାଧାନ୍ୟଦେଇ ଗ୍ରାମ୍ୟ ରାସ୍ତା ସହିତ ମୁଖ୍ୟ ରାଜପଥକୁ ସଂଯୋଗ ହେଉ, ସେମାନେ ଏହା ତିଆରି କରିବା ପାଇଁ ପଦକ୍ଷେପ ନେଲେ କିନ୍ତୁ ନିରାଶା ହେଲେ, ସେମାନେ କୁହନ୍ତି ପାଣ୍ଠି ଅଭାବରୁ ଏହା ସମ୍ଭବ ହେଲା ନାହିଁ। ଆମେ ଫେରିବାବେଳେ ତିକ୍ଷ୍ଣ ନଜର ଲୁ ଆଉ ଜାଣିପାରିଲୁଯେ, କାଦୁଅ ଅନେକ କ୍ଷେତ୍ରକୁ ଆଚ୍ଛାଦିତ କରିଥିଲା। ଆମେ ସନ୍ଦେହ କଲୁଯେ ଆର୍ଥାଭାବ ପ୍ରକୃତ କାରଣ ନୁହେଁ, କିନ୍ତୁ ଜମି ଉପରେ ଥିବା ଉତ୍ତେଜନା ରାସ୍ତା ତିଆରି ପାଇଁ ହୋଇଥିବା ଯୋଜନାକୁ ଆବଶ୍ୟକ କରୁଛି। ଏହି ସନ୍ଦେହକୁ ଆମେ ଗମ୍ବୁଜ ତିଆରି କରୁଥିବା ମିସ୍ତ୍ରୀ ମାନଙ୍କ ଆଗରେ ଉପସ୍ଥାପନ କଲୁ। ସେମାନେ ଏକମତ ହେଲେ। ଯେତେବେଳେ ତାଙ୍କୁ ପଚରାଗଲା କେମିତ ସେମାନେ ଏ ସମସ୍ୟା ସମାଧାନ କରିପାରିବେ, ସେମାନେ ଉତ୍ତର ଦେଲେ, ସେଠାରେ ମାତ୍ରଗୋଟିଏ ଦଳ ଅଛି ତାହା କେବଳ ସମାଧାନ କରିପାରିବ, ମହିଳା ସ୍ୱୟଂ ସହାୟକ ଦଳ ଯାହାକୁ ତୁମେ ବର୍ତ୍ତମାନ ଭେଟି ସାରିଛ। ଅନେକ ଏଭଳି ଅଭିଜ୍ଞତାର ଫଳ ସ୍ୱରୂପ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ସ୍ୱୟଂ ସହାୟକ ଦଳ ଗୋଟିଏ ଉପଯୁକ୍ତ ଲୋକ ପ୍ରତିଷ୍ଠାନ ରୂପେ ଗ୍ରହଣ କଲେ, ଯାହା ଗରୀବମାନଙ୍କୁ ଗୋଟିଏ ସ୍ଥାନ ଯୋଗାଉଛି ଏବଂ ଆବଶ୍ୟକୀୟ ସହଯୋଗ ବ୍ୟକ୍ତିଗତ ଜୀବନ ଏବଂ ସମାଜ ଉତ୍ତମ ପଦକ୍ଷେପରେ ନିୟନ୍ତ୍ରଣ ହେବ। ଛୋଟ ଛୋଟ ଦଳ

ଏକତ୍ରିତ ହୋଇ ପରବର୍ତ୍ତୀ ସମୟରେ ଲକ୍ଷ୍ୟ ଗୁଡ଼ିକକୁ ନିର୍ଭର କରି ବଡ଼ ଦଳରେ ପରିଣତ ହେଲା ଏବଂ ସର୍ବୋଚ୍ଚ ସଂଘକୁ ସ୍ୱୟଂ ସହାୟକ ଦଳ ବିଭିନ୍ନ ଭୂମିକା ରୂପେ ବିନିଯୋଗ କରୁଛି।

ସ୍ୱୟଂ ସହାୟକ ଦଳ ସ୍ଥିତିଶୀଳ ଅନୁଷ୍ଠାନ ନୁହେଁ। ଏହା ସମ୍ବଳ ଓ ସଭ୍ୟମାନଙ୍କ ପରିଚାଳନା ଦକ୍ଷତାକୁ ତାଙ୍କର ଧୈର୍ଯ୍ୟର ବୃଦ୍ଧିକୁନେଇ ବଢ଼େ ଏବଂ ବ୍ୟକ୍ତିଗତ ଓ ସାମୁହିତ ଆବଶ୍ୟକତାକୁ ଆଧାର କରି ସମସ୍ୟା ଓ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୁଏ। ଅନୁଶୀଳନ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ଏବଂ ବାହାର ଅନ୍ୟ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପରିଚାଳନା ହୁଏ ଏବଂସ୍ୱୟଂ ସହାୟକ ଦଳ ଗୁଡ଼ିକର କେତେକ ସାକାରାତ୍ମକ ଲକ୍ଷଣକୁ ଚିହ୍ନଟ କରେ, ଯାହା ନିମ୍ନରେ ସଂକ୍ଷିପ୍ତ ଭାବେ ଦର୍ଶାଗଲା। ଯଥା- ସେମାନେ ଫଳପ୍ରଦ ଯୁକ୍ତ ମୂଲ୍ୟର ଋଣ ପ୍ରଦାନ ପ୍ରଧାନ ପ୍ରଦାନ କରନ୍ତି ଯେମିତି ବ୍ୟାଙ୍କ ଓ ଋଣଗ୍ରାହୀ ଉଭୟଙ୍କର ଦେବା ନେବା କାରବାରର ମୂଲ୍ୟ ତୀକ୍ଷ୍ଣ ଭାବେ କମିଯିବ। ବ୍ୟାଙ୍କ ଉଚ୍ଚସ୍ତରୀୟ ଋଣ ରେଖା ସୂଚୀତ କରେ ଯେ, ପରିଶୋଧର ଧାରା ବୃଦ୍ଧିହୋଇ ୯୫% କୁ ପହଞ୍ଚିଛି। ସମୂହ ଶିକ୍ଷା ପାଇଁସେମାନେ ଗୋଟିଏ ମଡ଼ଯାହାକୁ ଗ୍ରାମାଞ୍ଚଳ ଲୋକମାନେ ଅଧିକ ବନ୍ଧୁ ସଦୃଶ୍ୟ ରୂପେ ଦେଖନ୍ତି ଏବଂ ଯାହା ପରିଶେଷରେ ବ୍ୟକ୍ତିଗତ କିମ୍ୱାଶ୍ରେଣୀଗୃହ ରୂପ ଆପଣେଇଥିବା ପ୍ରଣାଳୀ ଠାରୁ ଅଦିକ ଫଳପ୍ରଦ। ଦକ୍ଷତାକୁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ହସ୍ତକ୍ଷେପକାରୀ ଗଣ ଅନୁଭବ କରିବାକୁ ହେବ। ସେମାନେ ପ୍ରକୃତ ଗଣତନ୍ତ୍ର ସଂସ୍କୃତିକୁ ବିକାଶ କରନ୍ତି ଯେଉଁଠାରେ ଅଧିକାର ଏବଂ ଦାୟୀତ୍ୱବୋଧତା ଉପରେ ସମାନ ଭାବେ ମୂଲ୍ୟାୟନ ହୁଏ ଏବଂ ଶିକ୍ଷିବାକୁ ମିଳେ ଯେତେବେଳେ ଅନୁମୋଦନ ଗୁଡ଼ିକ ଧାର୍ଯ୍ୟ ପାରସ୍ପରିକ ସମ୍ମାନ ଦେବା ଭିତ୍ତିକ ଏବଂ ସମାଜ ଦ୍ୱାରା ପରିଚିତ। ସେମାନେ ବିକାଶ କରିବା ପାଇଁଗୋଟିଏ ଉଦ୍ୟୋଗ ଦିଅନ୍ତି, (୧) ସଂସ୍କୃତି ଯେଉଁଥିରେ ସଭ୍ୟମାନେ ଅନୁଭବ କରିବେ ଯେ, ଯେତେବେଳେ ବ୍ୟକ୍ତିଗତ ଲକ୍ଷ୍ୟ ହାସଲ ପାଇଁ ଦଳର ସାହାଯ୍ୟକୁ ଅବଶ୍ୟକ କରନ୍ତି, ଦଳ ଖର୍ଚ୍ଚରେ ତାଙ୍କର ବ୍ୟକ୍ତିଗତ ଇଚ୍ଛା ପୂରଣ ହୋଇପାରିବ ନାହିଁ। ସେମାନେ ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ କାର୍ଯ୍ୟକ୍ରମ ପରିଚାଳନା ମାଧ୍ୟମରେ ଗୋଟିଏ ସ୍ଥିର ଭିତ୍ତିଭୂମି ଦିଅନ୍ତି, ଯଥା- ସରକାରୀ ବିଭାଗ ଗୁଡ଼ିକ, ସମବାୟ ସମିତି, ଆର୍ଥିକ ଓ ପଞ୍ଚାୟତ ରାଜ ପ୍ରତିଷ୍ଠାନ ଗୁଡ଼ିକ, ଯଦି ଦଳ ଗୁଡ଼ିକ ସଠିକ୍ ଭାବରେ ପରିଚାଳିତ ହୁଅନ୍ତି ତେବେ ତାଙ୍କର ସୁକ୍ଷାତି ଏବଂ ସମୁହଶକ୍ତି ତାଙ୍କର ସଶକ୍ତି କରଣ ପାଇଁ ପଞ୍ଚାୟତରାଜ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି, ବଜେଟ୍ (ଆୟବ୍ୟୟର ହିସାବ) ଏବଂ କାର୍ଯ୍ୟ ନିର୍ବାହରେ ଅଂଶ ଗ୍ରହଣ ପାଇଁ ନିଶ୍ଚିତ କରେ। ସେମାନେ ବ୍ୟକ୍ତିଗତ ସଭ୍ୟର ଦକ୍ଷତା ପରିଚାଳନା ମୂଲ୍ୟାୟନରେ ସାହାଯ୍ୟ କରନ୍ତି ଯାହା ପତନ ହେଉଥିବା ଅର୍ଥ ବିନିଯୋଗ ଅଧିକ ଫଳପ୍ରଦ ପାଇଁ ଆବଶ୍ୟକ କରେ। ଏହା**ଆଇ.ଆର୍.ଡି.ଏ** ନୀତି ନିୟମାଯୁକ୍ତ କିନ୍ତୁ ଯାହା ବ୍ୟକ୍ତିଗତ ସଭ୍ୟ ଦ୍ୱାରା ପରିଚାଳିତ ହୋଇପାରିବ। ସେମାନେ ବଢ଼ିବା ପାଇଁ ସବୁ ପ୍ରକାର ଋଣ କୌଶଳ କରନ୍ତି, ଯଥା-(୧) ଦକ୍ଷତା ଭିତ୍ତିରେ ସ୍ୱୟଂ ସହାୟକ ଦଳକୁ ସୁଯୋଗର ସ୍ଥାନ ଦିଅନ୍ତି ଏବଂ ଏହାର ପ୍ରତ୍ୟେକ ସଭ୍ୟ ବ୍ୟକ୍ତିଗତ ଭାବେ କିମ୍ୱା ସାମୂହିକ ଭାବେ ସୁଯୋଗକୁ ଚିହ୍ନଟ କରିପାରିବେ ଏବଂ (୨) ସ୍ୱୟଂ ସହାୟକ ଦଳର ଦକ୍ଷତା ଫଳପ୍ରଦ ଭାବେ ଅନ୍ୟ ଅନୁଷ୍ଠାନ ଗୁଡ଼ିକ ସହିତ ଯୋଡ଼ିହୋଇ ପାରିବ। ସଂକ୍ଷିପ୍ତରେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସିର** ଅର୍ଥସ୍ୱୟଂ ସହାୟକ ଦଳ ଅନୁଯାୟୀ ଏହା ଋଣଯୁକ୍ତ ଅନୁଷ୍ଠାନ। ଅତଏବ ଏହାସ୍ୱୟଂ ସହାୟକ ଦଳ ଗୁଡ଼ିକର ପଥ ପ୍ରଶସ୍ତ କରି ସହଯୋଗୀତା ଓ ସଶକ୍ତିକରଣ ସଂସ୍କୃତି ବଳରେ ବିକାଶ କରନ୍ତି। ଏହା

ବଳରେ ହସ୍ତକ୍ଷେପକାରୀ ଗଣ ସହଯୋଗୀ ପରିଚାଳନା ଉପରେ ଗୁରୁତ୍ୱ ଦିଅନ୍ତି ଏବଂ ଏହି ଅଭ୍ୟାସ ନିଜ ନିଜ ସଂଗଠନରେ ଅଂଶ ଗ୍ରହଣ ପ୍ରଣାଳୀ କିଭଳି ଏବଂ କେଉଁ ରୂପେ ସ୍ୱୟଂ ସହାୟକ ଦଳ ଗଠନ ହେବ।

**୧.କେଉଁ ରୂପେ ଗୋଟିଏ ସ୍ୱୟଂ ସହାୟକ ଦଳ ଚିହ୍ନଟ ହୋଇ ପାରିବ:**

ହସ୍ତକ୍ଷେପକାରୀ ଅନେକ ପ୍ରକାରର ଦଳ ଚିହ୍ନଟ କରନ୍ତି। ଏ ପ୍ରକାର, ଯଥା- ନିୟମିତ ଗ୍ରାମକୁ ପରିଦର୍ଶନ, ସାଧାରଣ ଦଳକୁ ଏକତ୍ରିତ କରିବୈଠକ କରନ୍ତି ଚା'ଦୋକାନରେ, ମନ୍ଦିର ପ୍ରାଙ୍ଗଣରେ, ବଜାରରେ, ବ୍ୟବସ୍ଥା ହୋଇଥିବା ଘରେ, କ୍ଷୀର ସଂଗ୍ରହ କେନ୍ଦ୍ରରେ। ଅଞ୍ଚଳ ପରିଦର୍ଶନରେ ବିଶେଷ ଧ୍ୟାନ ଦିଆଯାଉଛି ଯେଉଁଠାରେ ଗରିବ, ଦଳିତ ଓ ଆଦିବାସୀ ମାନେ ବାସ କରନ୍ତି ଏବଂଯେଉଁଠାରେ ମହିଳାମାନେ ଏକତ୍ରୀତ ହେବାପାଇଁ ଯତ୍ନ ନିଅନ୍ତି ସାଧାରଣ କାର୍ଯ୍ୟରେ ଅନ୍ତର୍ଭୁକ୍ତ, ଯଥା- ପୋଖରୀ ମରାମତି, ରାସ୍ତା ତିଆରି ଏବଂ ଏଭଳି ଦଳ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ସାହାଯ୍ୟ କରନ୍ତି। ଲୋକେ ନିଜେ ତାଙ୍କ ମଧ୍ୟରେ ସଂଗଠିତ ହୋଇପାରିବେ। ଏହା ନିରୀକ୍ଷଣ କରାଯାଇଛିଯେ, ଯେତେବେଳେ ଏଭଳି ପ୍ରକଳ୍ପର ଯୋଜନା ପ୍ରସ୍ତୁତି ପାଇଁ ପ୍ରସ୍ତାହନ କରାଯାଏ, ସେମାନେ ସମଦଳରେ କାମ କରିବା ପାଇଁ ପସନ୍ଦ କରନ୍ତି। ଉଦାହରଣ ସ୍ୱରୂପ, ଲୋକମାନେ ଗୋଟିଏ ଖାତା ଖୋଲିବା ପାଇଁ ନିଷ୍ପତି ନିଅନ୍ତି ତାଙ୍କ କ୍ଷେତ ମଧ୍ୟରେ ଚାରଣ ଠାରୁ ରକ୍ଷା ପାଇବା ପାଇଁ ସେତେବେଳେ ଶେମାନେ ବିଭିନ୍ନ ଦଳରେ ସଂଗଠିତ ହେବାପାଇଁ ପ୍ରସ୍ତାହନ ହୁଅନ୍ତି ଏବଂ କାର୍ଯ୍ୟ ବିଭାଜନ କରନ୍ତି। ସେମାନେ ୬୦ କି.ମି. ଖାତ ଖନନ ୫ ମାସ ମଧ୍ୟରେ ଶେଷ କଲେ, ଏହା ବାଦେ ଦୈନନ୍ଦିନ ରୋଜଗାରର ସଂଚୟ ବଳରେ ଗୋଟିଏ ପାଣ୍ଠି ଗଠନ କଲେ ଯାହା ପରବର୍ତ୍ତୀ ସମୟରେ ପୁଞ୍ଜି ବିନିଯୋଗ ପାଇଁ ଯଥେଷ୍ଟ ଋଣ ପାଇବାର ସୁବିଧା ପାଇଲେ। ଅଂଶିଦାର ମୂଲ୍ୟ ନିରୂପଣ ପ୍ରୟୋଗ ବା ବ୍ୟାୟାମରେ ସମସ୍ତ ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଯତ୍ନ ନେବାକୁ ହେବ ଯାହା ଗ୍ରାମର ବିଭିନ୍ନ ଦଳକୁ ଚିହ୍ନଟ କରିବାରେ ସାହାଯ୍ୟ ହେବ, ପ୍ରତ୍ୟେକ ପରିବାରର ଉପକରଣ ଓ ସମ୍ବଳକୁ ଆକଳନ କରିହେବ, ଲୋକଙ୍କ ଦୃଷ୍ଟିରେ ଗରୀବଙ୍କୁ ଚିହ୍ନି ହେବ, ଋଣର ଆବଶ୍ୟକତା ଏବଂ ଋତୁ ପରିବର୍ତ୍ତନ ଋଣର ଆବଶ୍ୟକତା ଇତ୍ୟାଦିକୁ ଜାଣିହେବ। ସମ୍ପ୍ରତିକ ବର୍ଷରେ ଆମ ପ୍ରକଳ୍ପ ଅଞ୍ଚଳ ବାହାରେ ଅନେକ ଦଳ ଉତ୍ତମ ସ୍ୱୟଂ ସହାୟକ ଦଳ ରୂପେ ପରିଚାଳିତ ହୋଇଛନ୍ତି, ଯେଉଁଠାରେ ପୁରୁଣାସ୍ୱୟଂ ସହାୟକ ଦଳ ଗୁଡ଼ିକ ଠାରୁକେତେ ପରିବାର ସ୍ଥାନାନ୍ତର ହୋଇଛନ୍ତି କିମ୍ବା ବିବାହ ହୋଇ ଦଳ ଛାଡ଼ିଛନ୍ତି, ସେମାନେ ଆମର କର୍ମଚାରୀମାନଙ୍କୁ ଅନୁରୋଧ କଲେ, ସେମାନେ ସମସ୍ତେ ପରିଚିତ, ତାଙ୍କ ମଧ୍ୟରେ ଯଥେଷ୍ଟ ସମଭାବନା ଏକତା ଅଛି, ତାଙ୍କ ମଧ୍ୟରୁ କେତେଜଣ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି**କୁ ଆସି ଦଳ ପ୍ରଶିକ୍ଷଣ ପାଇଁ ଅନୁରୋଧ କଲେ।

**୨.ସମସ୍ୟା ଭିତ୍ତିରେ ସ୍ୱୟଂ ସହାୟକ ଦଳ ଗଠନ**

ଯେତେବେଳେ ସ୍ୱୟଂ ସହାୟକ ଦଳ ଭିତ୍ତିରେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ଋଣଯୁକ୍ତ ଯୋଜନାକୁ ବିସ୍ତାରିତ କରିବା ପାଇଁ ଆମନ୍ତ୍ରଣ କଲେ ସେତେବେଳେ ଆମେ ନିମ୍ନଲିଖିତ କେତେକ ସମସ୍ୟା ବା ବାଧାଦେଖିବାକୁ ପାଇଲୁ, ଯଥା-

**୩.ସମସ୍ୟା ଭିତ୍ତିରେ ତିଆରି ବା ଗଠନ ହୋଇଥିବା ଦଳ ଗୁଡ଼ିକ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତ୍ତିରେ ଅଛନ୍ତି:**

ଅନେକ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି ଏବଂ ଦଳ ଗୁଡ଼ିକ ବ୍ୟକ୍ତିଗତ ଅନୁଷ୍ଠାନର ଚେଷ୍ଟାରେ ସ୍ଥାପନ ହୋଇଛି ଯାହା କାର୍ଯ୍ୟକ୍ରମ ପରିଚାଳନା ପାଇଁ ବ୍ୟବହାର ହେଉଛି । ସେତେବେଳେ ସ୍ୱୟଂ ସହାୟକ ପ୍ରଣାଳୀ ପାଇଁ ପଦକ୍ଷେପ ନିଆଯାଇ ନଥିଲା ଏବଂ ସମଭାବାପନ୍ନ ଭିତ୍ତିରେ ଉପଯୁକ୍ତ ଅନୁଷ୍ଠାନ ଗଠନ ହୋଇନଥିଲା । ଅଧିକାଂଶ ଦଳ ଯୋଗ୍ୟ ହିତାଧିକାରୀ ଭିତ୍ତିରେ ଥିଲେ, ଯେଉଁମାନେ ଯୋଜନା ତିଆରି କରିଥିଲେ ସେହିମାନେ ହିଁ ଯୋଗ୍ୟ ମନଦଣ୍ଡର ମାପ ଉପରେ ନିଷ୍ପତି ନେଉଥିଲେ । ଅନ୍ୟ ଦଳ ଗୁଡ଼ିକ ସାଧାରଣତଃ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ, ଯିଏ ପରିବର୍ତ୍ତନ ପାଇଁ ଦଳରେ ଦଳର ଶକ୍ତିକୁ ପ୍ରାଥମିକ ଯୋଜନା ରୂପେ ବ୍ୟବହାର କରୁଥିଲେ, ବଡ଼ ଦଳରେ ପରିଣତ ଥିଲା ଯେଉଁଥିରେ ୫୦ ଜଣ ସଭ୍ୟରୁ ଉର୍ଦ୍ଧ୍ୱ ଥିଲେ । ଏହି ଦଳକୁସ୍ୱୟଂ ସହାୟକ ଦଳ ବୋଲି କୁହାଯାଉଥିଲା, ଏହି ଶିରୋନାମା କାର୍ଯ୍ୟାଳୟ କ୍ଷେତ୍ରରେ ଗ୍ରହଣୀୟ ହେଲା । ସ୍ୱୟଂ ସହାୟକ ଦଳ ଗଠନ ପାଇଁ କୌଣସି ଉଦ୍ୟୋଗ କରାଯାଇନଥିଲା ଏବଂ ପ୍ରଣାଳୀର ଆବଶ୍ୟକତାକୁ ବିନିଯୋଗ କରାଯାଇନଥିଲା । ଅନେକ କ୍ଷେତ୍ରରେ ଏହି ଦଳ ଗୁଡ଼ିକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଭିତରେ ତାଙ୍କୁ ଦିଆଯାଇଥିବା ଭୂମିକାକୁ ପୂରଣ କରୁଥିଲେ । ଉଦାହରଣ ସ୍ୱରୂପ, ଯେଉଁ ଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ସଂଗଠିତ ସେମାନେ ନିର୍ଦ୍ଦିଷ୍ଟ ସମସ୍ୟା ଉପରେ ଉପଯୁକ୍ତ ଭାବେ ସଂଯୁକ୍ତ ହୋଇ କାର୍ଯ୍ୟ କରୁଥିଲେ । କିନ୍ତୁସେମାନେ ଉପର ବର୍ଣ୍ଣିତ ଅନୁଯାୟୀ ସ୍ୱୟଂ ସହାୟକ ଦଳ ନୁହନ୍ତି । ସରକାରଙ୍କ ଦ୍ୱାରାଯେଉଁ ଗୁଡ଼ିକ ଗଠିତ ସେମାନେ ଗୋଟିଏ କାର୍ଯ୍ୟକ୍ରମର କେତେକ ଉଦାହରଣ ଯେଉଁଠାରେ ଦଳ ଗୁଡ଼ିକ ସଂଗଠିତ ହୋଇ ଶେଷରେ ଉତ୍ପାଦନ ଦେବା କାର୍ଯ୍ୟରେ ଯୋଡ଼ି ହୁଅନ୍ତି, ଯେମିତି-**ଗ୍ରାମାଞ୍ଚଳରେ ମହିଳା ଏବଂ ଶିଶୁମାନଙ୍କର ବିକାଶ,** ସ୍ୱାକ୍ଷର ଏବଂ ମହିଳା ସାମୁଖ୍ୟ କାର୍ଯ୍ୟକ୍ରମରେ ଦଳ ସଂଗଠିତ ହୁଅନ୍ତି ଏବଂ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଗୁଡ଼ିକ କ୍ଷୁଦ୍ରଋଣ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ।

**ସ୍ୱୟଂ ସହାୟକ ଦଳ ଗଠନର ପ୍ରଣାଳୀ/ପ୍ରକ୍ରୀୟା:**

ସ୍ୱୟଂ ସହାୟକ ଦଳ ଗଠନ ପ୍ରଣାଳୀର ଲକ୍ଷଣ ଅନେକ ପ୍ରକାର ଯାହା ସ୍ପଷ୍ଟ କରିବା ପାଇଁ ତିନି ସ୍ତରରେ ବିଭକ୍ତ କରାଯିବ । ଯିଏ ପ୍ରତ୍ୟେକ ସ୍ତରକୁ ହସ୍ତକ୍ଷେପ କରେ ସେ କେମିତି ଓ କେଉଁଠାରେ ଭଳି ଅନେକ ପ୍ରଶ୍ନର ସମ୍ମୁଖିନ ହେବ, ଯାହା ପ୍ରଶ୍ନକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ଏବଂ ଏହା ପ୍ରକଳ୍ପ ଅଞ୍ଚଳରେ ଅତି ସାଧାରଣ, ସେମାନେ ମାନଯୁକ୍ତ କରିପାରିବେ ନାହିଁ । କେତେକ ନୀତି ନିୟମ ଅଛି, ଯାହା ହେଉ ତାହା ଫଳପ୍ରଦ, ପ୍ରତ୍ୟେକ ସ୍ତର ଶେଷରେ ସ୍ୱୟଂ ସହାୟକ ଦଳର ଲକ୍ଷଣ ଜାଣିବା ପାଇଁ ଏକା ସଙ୍ଗେ କେତେକ ସଂକେତକୁ ଆଧାରିତ କରାଯାଏ ଯାହା ପ୍ରଗତିର ସମୀକ୍ଷା ବିପକ୍ଷରେ ପଛପଟର ଚିତ୍ରପଟ ଭଳି ସାହାଯ୍ୟ କରେ ।

**ସ୍ତର – ୧ : ସ୍ୱୟଂ ସହାୟକ ଦଳ ଚିହ୍ନଟ ଓ ଗଠନ- ୦-୪ ମାସ ।**

ଏହା ଗୋଟିଏ ଜଟିଳତମ କାର୍ଯ୍ୟ ଦଳର ପରବର୍ତ୍ତୀ ପ୍ରଗତି ଉପରେ ସବୁ ନିର୍ଭର କରେ । **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ଅଭିଜ୍ଞ କର୍ମଚାରୀ ମାନଙ୍କୁସେ ଅଞ୍ଚଳରେ ସମଭାବାପନ୍ନ ଦଳ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ନେତୃତ୍ୱନେଲେ ଯାହା ପରବର୍ତ୍ତୀ ସମୟରେ ସ୍ୱୟଂ ସହାୟକ ଦଳ ରୂପେ ଗଠନ ହେଲା । ସ୍ୱୟଂ ସହାକ ଦଳ ଚିହ୍ନଟିକରଣ ଓ ଗଠନ କେତେକ ବିଷୟର ଅନ୍ତର୍ଭୁକ୍ତ ହେଲା, ଯଥା- ଋଣ ଆବଶ୍ୟକତା ଉପରେ ସୂଚନା ସଂଗ୍ରହ, ଋତୁ ଅନୁଯାୟୀ ରୋଜଗାର ପନ୍ଥା, ପ୍ରାକୃତିକ ସମ୍ବଳ, ଦକ୍ଷତା ଏବଂ

ବଜାର, ଲୋକ ଦୃଷ୍ଟି ଦାରିଦ୍ର୍ୟତା ଏବଂ ହସ୍ତକ୍ଷେପକାରୀ ଏବଂ ସମାଜର ସାମାଜିକ ଦଳ ଗୁଡ଼ିକ ଚିହ୍ନଟିକରଣ। ଏହି ଅଞ୍ଚଳରେ ଅଂଶିଦାର ଗ୍ରାମ୍ଯ୍ଳ ସମୀକ୍ଷା ପ୍ରଣାଳୀ ଫଳପ୍ରଦ ହୋଇ ଆସୁଛି। ଲୋକମାନେ ତଥ୍ୟ ସଂଗ୍ରହ ଓ ସଂଶୋଧନରେ ଅନ୍ତର୍ଭୁକ୍ତ ହୁଅନ୍ତି ଯେଉଁଥିରେ ସମସ୍ତେ ଉପକରଣଗୁଡ଼ିକ ବ୍ୟବହାର କରି ଅଂଶଗ୍ରହଣ କରନ୍ତି। ଯାହାକୁ ପରମ୍ପରାଗତ ଭାବେ ବ୍ୟବହାର କରନ୍ତି, ଯଥା- ବାଡ଼ି, ପଥର, ମଞ୍ଜି ଏବଂ ରଙ୍ଗଯୁକ୍ତ ଗୁଣ୍ଡ। ଏହି ସ୍ତରରେ ଯଦି ସ୍ୱୟଂ ସହାୟକ ଦଳ ସଂପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ଗଠନ ହୋଇଛି, ଏହା ଜଣାପଡୁଛି ଯେ ପୁରୁଷ ମାନଙ୍କୁ ଭେଟି କଣ ଚାଲିଛି ତାହା ବର୍ଣ୍ଣନା କରିବାରୁ କୁହାଯିବ। କାରଣ ମୂଖ୍ୟତଃସ୍ୱୟଂ ସହାୟକ ଦଳ ଜରିଆରେ ପରିବାର ଲାଭବାନ ହେବ। ଗୋଟିଏ ବୈଠକରେ ଦଳ ଗଠନ ଶେଷ ହୁଏନାହିଁ। ଏହା ଉପଯୁକ୍ତ ସଭ୍ୟ ସଂଗ୍ରହ ପାଇଁ ଦଳକୁ ଅନେକ ବୈଠକରେ ଆବଶ୍ୟକତା ଥାଏ, ପ୍ରାୟତଃ ସଂପୂର୍ଣ୍ଣ ଗଠନ ପ୍ରକ୍ରିୟା ୨ ରୁ ୪ ସମୟ ମଧ୍ୟରେ ସଂପୂର୍ଣ୍ଣ ହୁଏ। ଏହି ସମୟ ମଧ୍ୟରେ ଦଳର ମାନ୍ୟତା ଭିତ୍ତିରେ କେତେ ସଭ୍ୟ ଦଳ ଛାଡ଼ନ୍ତି କିମ୍ବା ଦଳରେ ଅନ୍ତର୍ଭୁକ୍ତ ହୁଅନ୍ତି। ଏହି ସମୟର ଭୈଠକ ଗୁଡ଼ିକରେ କେବଳ ସାମାଜିକ ଏକତ୍ରିତ ହୁଏ ନାହିଁ, ସଭ୍ୟମାନେ ପରିବାର ଓ ଗ୍ରାମରେ ଦେଖାଦେଉଥିବା ଅନେକ ସମସ୍ୟା ଗୁଡ଼ିକକୁ ମଧ ଉଥାପନ୍ନ କରନ୍ତି। ସଂଚୟ ଓ ଧାର ନେବାରେ ରାଜି ହେବା ଏବଂ ଦଳର ବନ୍ଧନ ଓ ଧୈର୍ଯ୍ୟକୁ ନ ଭାଙ୍ଗି ଦଳର ନିଷ୍ପତିରେ ବନ୍ଧା ହେବାର ଇଛା ପରସ୍ପରକୁ ବିଶ୍ୱାସ କରିବାର ସଂକେତ ଦିଏ, ଏଗୁଡ଼ିକ ସଫଳ ସ୍ୱୟଂ ସହାୟକ ଦଳ ଗଠନର ଉପାଦାନ ସଦୃଶ। ସ୍ତର-୧ ର ଶେଷ ସମୟରେ ସ୍ୱୟଂ ସହାୟକ ଦଳର ଜଟିଳ ଲକ୍ଷଣ-ଦଳ ଚିହ୍ନିତ ହୋଇଛି। ଏହା ଗୋଟିଏ ସ୍ଥାନ ବା ଜାଗା ନାହିଁ ଯେଉଁଥିରେ ଲୋକମାନେ ଚଳାବୁଲା କରିବେ। ସଭ୍ୟମାନେ ନିୟମିତ ସଂଚୟ କରିବା ପାଇଁ ରାଜି ଅଛନ୍ତି, ଋଣ ନେବାକ ଅଭ୍ୟାସକୁ ସୃଷ୍ଟି କରିବେ ଏବଂସ୍ୱୟଂ ସହାୟକର ସଂସ୍କୃତି ସ୍ଥାପନ କରିବେ। କେତେକ ଦଳ ସଂଚୟ କରିବା ଆରମ୍ଭ କରିଥାଇ ପାରନ୍ତି। ମୁଖ୍ୟ ନଥିପତ୍ର ଯଥା- (୧) ଉପସ୍ଥାନ ରେଜିଷ୍ଟ୍ରି (୨) ବୈଠକ ବିବରଣୀ ବହି ଏବଂ (୩) ସଭ୍ୟଙ୍କ ସଂଚୟ ଲେଜର ଏବଂ ବ୍ୟକ୍ତିଗତ ସଂଚୟ ବହି – ଯଦି ସଂଚୟ ଆରମ୍ଭ ହେଲା- ଏ ସମସ୍ତ ଠିକ୍ ଭାବେ ପରିଚାଳନା କରିବା ଦରକାର। ସଭ୍ୟମାନଙ୍କ ଦ୍ୱାରା ବୈଠକର ସ୍ଥାନ ଏବଂ ସମୟ ନିର୍ଦ୍ଧାରଣ କରାଯାଏ ଏବଂ ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରାଯାଏ। ଦଳର ଦୁଇଜଣ ସଭ୍ୟ ନିର୍ବାଚିତ ବା ମନୋନୀତ ହୁଅନ୍ତି ଯିଏ ଚେୟାରମ୍ୟାନ୍ ଓ ସଂପାଦକର ଭୂମିକାକୁ ସଂପାଦନ କରନ୍ତି। ହସ୍ତକ୍ଷେପକାରୀଙ୍କ ପ୍ରସାହନ ଦ୍ୱାରା ପ୍ରତିନିଧିମାନେ ପରିବର୍ତ୍ତିତ ହୁଅନ୍ତି ଏବଂ ପରବର୍ତ୍ତୀ ବର୍ଷ ପାଇ ୬ ମାସ ପୂର୍ବରୁ ସମାନ ସଂଖ୍ୟକ ପଦବୀ ପୂରଣ ପାଇଁ ନିର୍ବାଚିତ କିମ୍ବା ମନୋନୀତ ହୁଅନ୍ତି ଯଦ୍ୱାରା ଯଥେଷ୍ଟ ଭାବେ ପ୍ରସ୍ତୁତିହୋଇ ପାରିବ ଏବଂ ତାଲିମ ପ୍ରାପ୍ତ ହେବେ। ଦଳ ତାଙ୍କର ନାମକରଣ କରିଛନ୍ତି। ଯଦି ସଞ୍ଚୟ ଆରମ୍ଭ ହୋଇଛି, ତେବେ ଦଳର ନାମରେ ନିକଟତମ ବ୍ୟାଙ୍କ କିମ୍ବା ଡାକଘର କାର୍ଯ୍ୟାଳୟରେ ଗୋଟିଏ ପାସବୁକ୍ ଆକାଉ□ଖୋଲିବ। ଦୁଇଜଣ ଦସ୍ତଖତକାରୀ ଆକାଉଣ୍ଟ୍□ କାରବାରରେ ଅଛନ୍ତି, ଜଣେ ସ୍ୱୟଂ ସହାୟକ ଦଳ ଠାରୁ ହୋଇ ପାରନ୍ତି, ଅନ୍ୟ ଜଣେ ସ୍ୱେଚ୍ଛାସେବୀ ସଂସ୍ଥା ହସ୍ତକ୍ଷେପକାରୀ କିମ୍ବା ଦୁଇଜଣ ଯାକ ସ୍ୱୟଂ ସହାୟକ ଦଳ ଠାରୁହୋଇପାରନ୍ତି।

**ସ୍ତର – ୨- ଦଳ ସୁଦୃଢ଼ିକରଣ : (୪ ରୁ ୧୫ ମାସ ଲାଗେ)**

**ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ଏହି ସ୍ତରରେ ତାର ମୁଖ୍ୟ ଭୂମିକାକୁ ବଜାୟ ରଖେ, ସେହିଭଳି-ଆମର କର୍ମଚାରୀମାନେ ସମସ୍ତ ବୈଠକରେ ଉପସ୍ଥିତ ରୁହନ୍ତି ଏବଂ ଯଥେଷ୍ଟ ସହଯୋଗ ପାଇଁ

ନିଶ୍ଚିତ କରନ୍ତି ଯାହା ଫଳରେ – ନିୟମିତ ସଂଚୟ ହୁଏ ଏବଂ ଧାର ପୁଞ୍ଜି ପରିଚାଳନା ଶକ୍ତି ସଂଚୟ କରେ। ସ୍ୱୟଂ ସହାୟକ ଦଳର ସଭ୍ୟମାନଙ୍କ ଏହା ଏକ ସୁଯୋଗ ଦିଏ ଦକ୍ଷତା ପ୍ରାପ୍ତହୋଇ ସମ୍ବଳର ପରିଚାଳନା କରିବା। ସଂଚୟର ମାନ ବା ମୂଲ୍ୟ, ଋଣର ସମୟସୀମା, ଋଣ ନେବା ଓ ପରିଶୋଧ କରିବା କାର୍ଯ୍ୟସୂଚୀ ଏବଂ ସୁଧ ହାର ଉପରେ ଦଳ ନିଷ୍ପତି ନିଏ। କେତେବେଳେ ଓ କେଉଁଠାରେ ସଭ୍ୟମାନେ ଋଣ ଆବଶ୍ୟକ କରନ୍ତି ଏବଂ ସୂଚନା ଏହିକିସେ, ପୁରୁଷ/ମହିଳା ଋଣକୁ ଫଳପ୍ରଦ ଭାବେ ବ୍ୟବହାର କରିବା କ୍ଷମତା ଅଛି କି ନାହିଁ ଏବଂ ନିର୍ଦ୍ଦିଷ୍ଟ ଭାବେ ଧାର୍ଯ୍ୟହୋଇଥିବା ସମୟସୀମା ଭିତରେ ଋଣ ଫେରସ୍ତ ହୋଇ ପାରୁଛି କି ନାହିଁ। ବୈଠକ ଗୁଡ଼ିକ ନିମିତ ଭାବେ ଅନୁଷ୍ଠିତ ହେଉଛି, ପସନ୍ଦଯୋଗ୍ୟ ଭାବେ ପ୍ରତ୍ୟେକ ସପ୍ତାହରେ, ଉପସ୍ଥାନ ଠିକ୍‌ରେ ରଖାହେଉଛି, ବୈଠକରେ ୮୦% ଉପସ୍ଥାନ ଓ ପରିଶୋଧର ୯୦% ଉପସ୍ଥାନ, ଅନିୟମିତଙ୍କ ପରିଶୋଧ ଉପରେ ଅନୁମୋଦନ ଏବଂ ଅସ୍ୱାଭାବିକ ବ୍ୟବହାର (ବୈଠକରେ ସିଗାରେଟ୍ ଟାଣିବା, ବିଳମ୍ବରେ ବୈଠକକୁ ପହଞ୍ଚିବା ଇତ୍ୟାଦି) ନ୍ୟସ୍ତ କରି ଗ୍ରହଣ କରାଯାଉଛି। ନିମ୍ନଲିଖିତ ବହିଗୁଡ଼ିକ ଦଳର ଶିକ୍ଷିତ ସଭ୍ୟ କିମ୍ବା ସ୍ୱେଚ୍ଛାସେବୀ ସଂସ୍ଥାର କର୍ମଚାରୀ କିମ୍ବା ଗାଁର ଯେ କୌଣସିସେବାକାରୀଙ୍କ ଦ୍ୱାରା ଠିକ୍ ଭାବରେ ପରିଚାଳିତ ହେଉଛି। ଯଥା- ପ୍ରବେଶ ବହି, ଉପସ୍ଥାନ ରେଜିଷ୍ଟେର୍ଣ୍ଣ, ବୈଠକ ବିବରଣୀ ବହି, ସଭ୍ୟାଙ୍କ ସଂଚୟ ଲେଜର, ସଭ୍ୟାମାନଙ୍କ ସଂଚୟ ବହି (ପାସ୍ ବୁକ୍), ପ୍ରାପ୍ତି ସ୍ୱୀକାର ପତ୍ର/ରସିଦ, ଅର୍ଥ ପ୍ରଦାନ ରସିଦ, ନଗଦ ମୁଦ୍ରା ବହି (କ୍ୟାସ୍ ବୁକ୍), ସାର୍ବଜନୀନ ଲେଜର, ଋଣ ଲେଜର, ମହଜୁଦ୍ ଭଣ୍ଡାର ରେଜିଷ୍ଟେର୍। ଲିଙ୍ଗ ବିଭେଦତା, ବିଶେଷତଃ ମହିଳା ବ୍ୟକ୍ତିଗତ ଓ ସାମୁହିତ ଜୀବନ ଯାତ୍ରାରେ ଦେଖା ଯାଉଥିବା ସମସ୍ୟା ଗୁଡ଼ିକ ଉପସ୍ଥାନ କରି ଆଲୋଚନାକୁ ଅଣାଯାଉଛି। ସାକ୍ଷରତା ଓ ଶିକ୍ଷାଙ୍କ ଶ୍ରେଣୀ ଗୁଡ଼ିକ ପରିଚାଳନା ହେଉଛି ଏବଂ ସମସ୍ତ ସଭ୍ୟ ଏଥିରେ ଉପସ୍ଥିତ ରୁହନ୍ତି। ଦଳଦ୍ୱାରା ସାଧାରଣ କାର୍ଯ୍ୟ ପ୍ରକ୍ରୀୟା କାର୍ଯ୍ୟକ୍ରମ ଗୁଡ଼ିକ ସଂଗଠିତ କରାଯାଉଛି। ଅନ୍ୟ ଦଳଗୁଡ଼ିକୁସେମାନେ ଭେଟିବାକୁ ଆରମ୍ଭ କରନ୍ତି। ଦଳଭିତ୍ତିକ ପ୍ରଶିକ୍ଷଣ ନିୟମିତ ହୁଏ-(ଅନ୍ତଃ ୩ଟି ପରିମାପରେ ପ୍ରତ୍ୟେକ ୨ ଦିନ), ଏହିସ୍ତରରେ ଫଳପ୍ରଦ ଭାବେ ଅଂଶଗ୍ରହଣ କରିବା ପାଇଁ ସମସ୍ତଙ୍କୁ ସକ୍ଷମ କରାଯାଉଛି। ମୁଖ୍ୟତଃ ଦୁର୍ବଳ ସଭ୍ୟ (କେତେକ କ୍ଷେତ୍ରରେ) ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିମାପରେ (ମଡ୍ୟୁଲ) ପରିଚାଳନା କରାଯାଉଛି। ଦଳଗତ ସଂସ୍କୃତି ପାରସ୍ପରିକ ସହଯୋଗ ପାଇଁ ପ୍ରତିଶୃତିବଦ୍ଧ ଅବସ୍ଥାକୁ ବଢ଼ାଉଛି। ଦଳର ନିଷ୍ପତିକୁ ଗ୍ରହଣ, ବ୍ୟକ୍ତିଗତ ଓ ସାମୁହିକ ଜୀବନର ନିଜସ୍ୱ ବିଶ୍ୱାସ ଧୈର୍ଯ୍ୟ ବିକାଶ ଏବଂ ଦ୍ୱନ୍ଦ ସମାଧାନ ଦକ୍ଷତା ପ୍ରାପ୍ତ ପାଇଁ ସଭ୍ୟମାନଙ୍କୁ ସାହାଯ୍ୟ କରାଯାଉଛି। ସ୍ୱୟଂ ସହାୟକ ଦଳ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ: ନିର୍ବାଚିତ ହୋଇଥିବା ଦୁଇଜଣ ପ୍ରତିନିଧି ବୈଠକ ପରିଚାଳନା ପାଇଁ ପ୍ରଶିକ୍ଷଣ ପ୍ରାପ୍ତ ହେବା ଆବଶ୍ୟକ, ଦଳକୁ ସାହାଯ୍ୟ କରିବେ ଗୋଟିଏ ସହାୟକ ସଂସ୍କୃତି ପ୍ରତିଷ୍ଠା ପାଇଁ, ଧାର ନେବା ସମୟରେ ମୁଖ୍ୟ ଆବଶ୍ୟକତାକୁ ସ୍ଥିର କରିବେ ଏବଂ ନ୍ୟସ୍ତ ଥିବା ଅନୁମୋଦନକୁ ମଞ୍ଜୁର କରନ୍ତି। ସେମାନଙ୍କ ନେତୃତ୍ୱରେ ଥିବା ଗୁଣର ବିକାଶ ଆବଶ୍ୟକ କରନ୍ତି ଏବଂ ତାଙ୍କ ଦୃଢ଼ ବିଶ୍ୱାସ/ଧୈର୍ଯ୍ୟକୁ ବିଭିନ୍ନ ଅନୁଷ୍ଠାନ ଗୁଡ଼ିକ ସହ ସଂପର୍କ ସ୍ଥାପନ କରନ୍ତି ଯଥା- ବିଭିନ୍ନ ସରକାରୀ ବିଭାଗ ଏବଂ ବ୍ୟାଙ୍କ ଗୁଡ଼ିକ ସହିତ, ଏତଦ୍ ସହିତ ସାଧାରଣ କାର୍ଯ୍ୟର କାର୍ଯ୍ୟକ୍ରମର ପରିଚାଳନାରେ ନେତୃତ୍ୱ ନିଅନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ ଯେ, ପରବର୍ତ୍ତୀ ବର୍ଷ ପାଇଁ ୬ ମାସ ପୂର୍ବରୁ ପ୍ରତିନିଧିମାନଙ୍କୁ ଦଳ ନିର୍ବାଚିତ/ମନୋନୀତ କରନ୍ତି ଯଦ୍ୱାରା ସେମାନେ ଦକ୍ଷତା, ଧୈର୍ଯ୍ୟ ଓ ବିଶ୍ୱାସ ସୃଷ୍ଟି କରିବା ପାଇଁ ସକ୍ଷମ ହୋଇପାରିବେ। ଯଦି ଦଳ ପ୍ରତିନିଧିମାନେ ପ୍ରତିବର୍ଷ

ପରିବର୍ତ୍ତିତ ହୁଅନ୍ତି ନାହିଁ ତେବେ ସେଠାରେ ବିପଦ ଦେଖାଦିଏ ଯେ, କ୍ଷମତା କିଛି ସଭ୍ୟଙ୍କ ହାତରେ ଠୁଳ ହେବ ଯାହା ସମସ୍ତ ସଭ୍ୟମାନଙ୍କ ଫଳପ୍ରଦ ଅଂଶ ଗ୍ରହଣକୁ ନିବାରଣ କରିବ । ପରିବର୍ତ୍ତିତ ପ୍ରତିନିଧି ପ୍ରକ୍ରୀୟା ସମସ୍ତ ସଭ୍ୟମାନଙ୍କୁ ସୁଯୋଗ ଦିଏ । ଦଳଗତ ନେତୃତ୍ୱ ପାଇଁ ଦକ୍ଷତା ଲାଭ କରିବା । ଥରେ ଯଦି ପ୍ରତିନିଧିମାନେ ତାଙ୍କ ଦାୟିତ୍ୱ ପାଇଁ ଦକ୍ଷତା ଲାଭ କରିବା । ଥରେ ଯଦି ପ୍ରତିନିଧିମାନେ ଦଳର ଆନିମେଟର ଭାବେ କାର୍ଯ୍ୟ କରିବେ । ଦଳ ୧୨ ରୁ ୧୫ ମାସ ପରିଚାଳିତ ହେବା ପରେ । ସ୍ୱୟଂ ସହାୟକ ଦଳ ପରିଚାଳିତ ହେବା ପାଇଁ ୩ ରୁ ୪ ପ୍ରକାରର ପ୍ରଶିକ୍ଷଣ ଓ ଏକ୍ସପୋଜର୍ ପ୍ରଦାନ କରାଯାଏ । **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ପ୍ରକଳ୍ପ ଗୁଡ଼ିକର ଅନେକ ଅନୁଭୂତି ପ୍ରମାଣିତ କରେ ଯେ, ଗ୍ରାମ୍ୟସ୍ତରରେ ଆନିମେଟର୍ ର ଆବଶ୍ୟକତା ନଥାଏ । ଦଳର ବୈଠକ ପରିଚାଳନା କରିବା, ବ୍ୟାଙ୍କ ଓ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି**ସହିତ ସଂପର୍କ ଓ ଯୋଗାଯୋଗ କରିବା ଦାୟୀତ୍ୱ ତାଲିମ ପ୍ରାପ୍ତ ଦଳ ପ୍ରତିନିଧିଙ୍କ ପାଖରେ ନ୍ୟସ୍ତ ଥାଏ । ଅନ୍ୟ ଦଳର କାର୍ଯ୍ୟଗୁଡ଼ିକୁ ସଠିକ ରଖିବା ପାଇଁ (ହିସାବ ଓ ଅନ୍ୟାନ୍ୟ ନଥିପତ୍ର) ଜଣେ ସ୍ଥାନୀୟ ଲୋକ ଦ୍ୱାରା ସଂପାଦନ କରାଯାଏ, ଯିଏ ଠିକା କାମ ଭିତ୍ତିରେ ନିଯୁକ୍ତି ହୋଇ ଦଳ ଦ୍ୱାରା ତା'ର କର୍ମର ପ୍ରାପ୍ୟ ପାଏ । ପ୍ରାଥମିକ ସ୍ତରରେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି**ଠାରୁ ପାଣ୍ଠି ଆସେ, କିନ୍ତୁ ଦଳ ସେ ବ୍ୟକ୍ତିର ଚୟନ ଓ ଅର୍ଥ ପ୍ରାପ୍ୟକୁ ନିର୍ଦ୍ଧାରଣ କରିବା ଉଚିତ୍, ୧ପ୍ରାରମ୍ଭରୁ ଦଳ ଏ ସଂକ୍ରାନ୍ତରେ ସଂପୂର୍ଣ୍ଣ ଅବଗତ ହେବା ଉଚିତ୍ ଯେ,**ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ୧-୧/୨ ରୁ ୨ ବର୍ଷ ମଧ୍ୟରେ ଦେଇଥିବା ଟଙ୍କା ଫେରସ୍ତ ପାଇବ । ପଶୁ ପାଳନ, କୃଷି ଏବଂ ଉଦ୍ୟାନ କୃଷି ପାଇଁ ଉଦ୍ଦିଷ୍ଟ ବିଶେଷଜ୍ଞଙ୍କ ପ୍ରଶିକ୍ଷଣ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ଦ୍ୱାରା ହେବା ଉଚିତ୍, ସେମାନେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସିର ବିଷୟ ବିଷୟ ବିଶେଷଜ୍ଞ** କିମ୍ବା ଚୁକ୍ତି ଭିତ୍ତିକ ଭାବେ ଦ୍ୱିତୀୟ ସ୍ତର ସମୟ ଭିତରେ ସେବାଦେବେ । ଏହାକ୍ଷେତ୍ର କ୍ୟାଡର୍ ବିଶେଷଜ୍ଞ ତିଆରି କରିବେ । ପଶୁର ଯତ୍ନ ଓ ପ୍ରଜନନ ପ୍ରଶିକ୍ଷଣ ମହିଳାମାନଙ୍କୁ ଦିଆଯିବା ଉଚିତ୍ ଯିଏ ପଶୁମାନଙ୍କର ଯତ୍ନ ଓ ପରିଚାଳନା କରିପାରିବ ।

**ସାଧାରଣ କାର୍ଯ୍ୟ:**

ଗୋଟିଏ କିମ୍ବା ଦୁଇଟି ଛୋଟ ସାଧାରଣ କାର୍ଯ୍ୟକ୍ରମ ଗ୍ରାମ ସ୍ତରରେ ଯୋଜନା ଓ ସଂପାଦନା ହେଉଛି ସ୍ୱୟଂ ସହାୟକ ଦଳ ଗୁଡ଼ିକର ସହଯୋଗୀତାରେ ଯଦି ଗ୍ରାମରେ ଥାଆନ୍ତି ।

**ଲିଙ୍ଗଗତ ସମସ୍ୟା ଗୁଡ଼ିକ:** ଲିଙ୍ଗ ଭିତ୍ତିକ ସମସ୍ୟା ମୁଖ୍ୟତଃ ମହିଳା ଓ ବାଳିକାଙ୍କ ସମସ୍ୟା ଗୁଡ଼ିକ ବୈଠକରେ ଉପସ୍ଥାପନ ହୁଏ ଏବଂ ପ୍ରଶିକ୍ଷଣର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶରେ ପରିଣତ ହୁଏ । ପୁରୁଷମାନଙ୍କୁ କମନ୍ ଆକ୍ସନ୍ ପ୍ରୋଗ୍ରାମରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ କରାଯାଏ ଏବଂ ବେଳ ବେଳେ ସ୍ୱୟଂ ସହାୟକ ଦଳ ବୈଠକକୁ ମଧ୍ୟ ଡକାଯାଏ । ମହିଳାମାନେ ଘରେ ଅନୁପସ୍ଥିତ ସମୟରେ ପୁରୁଷମାନେ ମହିଳା ଉପରେ ନକରାତ୍ମକ ପ୍ରତିକ୍ରିୟା ରଖନ୍ତି, ଯେତେବେଳେ ସେମାନେ ବୈଠକ ଗୁଡ଼ିକରେ ଯୋଗ ଦିଅନ୍ତି କିମ୍ବା ସାଧାରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୁଅନ୍ତି କିମ୍ବା ଏହି ସମୟ ମଧ୍ୟରେ ଅଧିକ ସଂଖ୍ୟକ ମହିଳାମାନଙ୍କ ସାମୂହିକ ଜୀବନ ଯାତ୍ରାରେ ଉପସ୍ଥିତ ହେବା ମଧ୍ୟ ଗୋଟିଏ ସାଧାରଣ ଲକ୍ଷଣ । ଦକ୍ଷ ଭାବରେ ସମସ୍ୟାର ସମାଧାନ ପାଇଁ MYRADA ତାର ଭୂମିକାକୁ ସିଧା ସଳଖ ଭାବେ ସମ୍ପାଦନ କରୁଛି । ପରିବାର ସ୍ତରରେ ପରାମର୍ଶସେବା ମଧ୍ୟ ଯୋଗାଉଛି, ଯେତେବେଳେ ସମସ୍ୟାର ଭୟ ଦୃତ ଗତିରେ ବଢୁଛି ।

**ସହାୟକ ଦଳ ପାଣ୍ଠିକୁ ସହଯୋଗ:** ୬ – ୯ ମାସ ମଧ୍ୟରେ ସ୍ୱୟଂ ସହାୟକ ଦଳ ଉପରେ ବର୍ଣ୍ଣିତ ସୂଚନା ଓ ସଂକେତ ଅନୁଯାୟୀ ବିକଶିତ ହୁଏ ତେବେ ସଂଚୟକୁ କେନ୍ଦ୍ରକରି କିସ୍ତି ଭିତ୍ତିରେ ଆର୍ଥିକ ସହାୟତା ଦିଆଯାଏ କିମ୍ବା ଦଳର ଅଧିକ ମାତ୍ରାରେ ପ୍ରଦର୍ଶିତ କାର୍ଯ୍ୟକ୍ରମ ଦ୍ୱାରା ଅର୍ଥରାଶି ସିଧା ସଳଖ ଭାବେ ସାଧାରଣ ପାଣ୍ଠିରେ ଜମା ହୁଏ ।

**ସ୍ୱୟଂ ସହାୟକ ଦଳର ଲକ୍ଷଣ:** (ସ୍ତର ୨ ଶେଷରେ) ସମସ୍ତ ସଭ୍ୟମାନେ ସଂଚୟରେ ନିଯୁକ୍ତ । ସମସ୍ତଙ୍କୁ ଋଣ ପ୍ରଦାନ କରାଯାଉଛି । ସମସ୍ତ କାରବାର ନଥିପତ୍ର ସହାୟତାରେ ହୁଏ । ଋଣ ଗୁଡ଼ିକର ଓ ପରିଶୋଧର ସାରାଂଶ ସର୍ବସାଧାରଣ ସ୍ଥାନରେ ଧାରଣ କରେ ଏବଂ ନୀୟମିତ ଭାବେ ଠିକ୍ କରାଯାଏ । ସାଧାରଣ ପାଣ୍ଠି ସୁଧ, ସଂଚୟ ଓ ଦଳ ଦ୍ୱାରା ବଢ଼ଇବା ପ୍ରକ୍ରିୟାରେ ଧିରସ୍ଥିର ପ୍ରକାରେ ବୃଦ୍ଧିପାଏ । ବ୍ୟାଙ୍କ ବଳକା ଜମାରାଶି ଖାଲିଥିଲେ ମଧ୍ୟ ସାଧାରଣ ପାଣ୍ଠି ଘୂର୍ଣ୍ଣନ ପ୍ରକ୍ରିୟାରେ ଅତିକ୍ରମ କରେ । ପରିଶୋଧର ହାର ସୁସଂଗତ ଭାବେ ୮୦% ହୋଇଛି । ବୈଠକ ପରିଚାଳନା ପାଇଁ ସଭ୍ୟମାନେ ଦକ୍ଷତା ଆବଶ୍ୟକ କରନ୍ତି ଏବଂ ଦ୍ୱନ୍ଦ ସମାଧାନ କରନ୍ତି । ସମ୍ଭବତଃ ସେମାନେ ପଢ଼ିବା, ଲେଖିବାର ଦକ୍ଷତା ପାଇଛନ୍ତି । ତାଙ୍କର ଆତ୍ମବିଶ୍ୱାସ ସମୂହ ଜୀବନ ଯାତ୍ରାରେ ବୃଦ୍ଧି ପାଇ ପାରିଛି । ତାଙ୍କର ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ସଂପର୍କ ସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି । ପ୍ରାଥମିକ ସ୍ତରରେ ସେମାନେ ଦଳ ପାଇଁ ଋଣ ବିଷୟରେ ବ୍ୟାଙ୍କ ସହିତ କଥୋପକଥନ ହୋଇଅଛନ୍ତି । ଗୋଟିଏ କିମ୍ବା ଦୁଇଟି ସାଧାରଣ କାର୍ଯ୍ୟକ୍ରମକୁ ପରିଚାଳନା ଓ ଦ୍ୱନ୍ଦ ସମାଧାନର ଦକ୍ଷତା ହାସଲ କରିଛନ୍ତି । ମହିଳା ଦଳର ସଭ୍ୟାମାନେ ଲିଙ୍ଗ ଭିତ୍ତିକ ସମସ୍ୟାଗୁଡ଼ିକକୁଲୋକ ଲୋଚନକୁ ଆଣିବା ଆରମ୍ଭ କରିଛନ୍ତି ଏବଂ ସାମୂହିକ ଓ ଘରୋଇ କ୍ଷେତ୍ରରେ ଛୋଟ କାର୍ଯ୍ୟକ୍ରମକୁ ସଂପାଦନ ପାଇଁ ହାତକୁ ନେଇଛନ୍ତି ।

## ୨.୧୩ ସାରାଂଶ

ସଫଳକୃତ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ସ୍ୱେଚ୍ଛାସେବୀ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରି ଉପଭୋଗ କରନ୍ତି । ସେମାନେ ନୂଆ ଭାବନାର ପ୍ରଣାଳୀ ପ୍ରସ୍ତୁତି କରିଛନ୍ତି ଏବଂ ଗ୍ରାମାଞ୍ଚଳ ଗୋଷ୍ଠୀ ଗୁଡ଼ିକର ଉପଯୁକ୍ତ ବିକାଶ ଆଣିବା ପାଇଁ ସାକାରାତ୍ମକ ଅବଦାନ ଦେଇ ପାରିଛନ୍ତି । ସେମାନେ ଅଭିନ୍ନବ ଆଦର୍ଶ ବାହାର କରିଛନ୍ତି, ଯାହା ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଅନୁକରଣୀୟ ହେବ । ସେମାନେ ସରକାରୀ ଯୋଜନାଗୁଡ଼ିକ ଉପରେ ଦୃଶ୍ୟମାନର ପ୍ରଭାବ ପକାଇ ପାରିଛନ୍ତି । ଗ୍ରାମ୍ୟ ବିକାଶ କ୍ଷେତ୍ରରେ ସଂଶୋଧିତ ପ୍ରଣାଳୀକୁ ଫଳପ୍ରଦ କରିଛନ୍ତି । ମୂଖ୍ୟ ମୌଳିକ ସିଦ୍ଧାନ୍ତ ସଫଳ ସ୍ୱେଚ୍ଛାସେବୀ ସଂଗଠନର ଅନ୍ତର୍ଭୁକ୍ତ, ଯଥା- ନେତୃତ୍ୱର କଳ୍ପନା ଦୃଶ୍ୟପଟ, ଗ୍ରାମୀଣ ଗୋଷ୍ଠୀ ଗୁଡ଼ିକର ସ୍ୱସଜୀକରଣ, ସ୍ଥାନୀୟ ପ୍ରାକୃତିକ ସମ୍ବଳ ପରିଚାଳନା କ୍ଷମତା । ହିତାଧିକାରୀମାନେ ଗ୍ରାମ ବିକାଶ ପ୍ରଣାଳୀ ମଧ୍ୟରେ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଉପକରଣ ବା ସଂପତିର ପରିଚାଳକ ଓ ମାଲିକ ହୁଅନ୍ତି । ଆରମ୍ଭରେ ଆମେ ରାଲେଗାଁ ସଧି ଗ୍ରାମ୍ୟଗୋଷ୍ଠୀର ଅଦ୍ୱିତୀୟ ସୁ-ସଂଗଠନ ଉପରେ ପ୍ରାରମ୍ଭରେ ସ୍ୱଷ୍ଟ କରିଛୁ । ଆନ୍ନା ହାଜେରେଙ୍କ ମିଶନାରୀ ନେତୃତ୍ୱ ପ୍ରାରମ୍ଭରେ ରାଲେଗାଁ ସିଧିର ଉପଯୁକ୍ତ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗୋଷ୍ଠୀ ଭିତ୍ତିକ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ଗୋଟିଏ ସ୍ୱତନ୍ତ୍ର ଲକ୍ଷଣ/ରୂପ ରହିଛି

ଯାହା ବାହ୍ୟ ବିକାଶମୂଳକ କାର୍ଯ୍ୟାଳୟରେ ବିନା ସହାୟତାରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିପାରୁଛି। ରାଲେଗାଁ ସିଧିସ୍ୱତନ୍ତ୍ର ବିକାଶମୂଳକ ଆଦର୍ଶ ପାଇଁ ପଦମର୍ଯ୍ୟଦା ଲାଭ କରିଛି। ଯାହାଦେଶର ଚାରିଆଡେ VOs ଏବଂ NGOs ଦ୍ୱାରା ଅନୁକରଣୀୟ ହେଉଛି।

ପରବର୍ତ୍ତୀ ସମୟରେ ଆମେ **ସେୱା** ଉଦ୍ୟୋଗ ଦ୍ୱାରା ସଂପାଦିତ କାର୍ଯ୍ୟାବଳୀ ଉପରେ। **ସେୱା** ସଂଗ୍ରାମ ଓ ବିକାଶର ଦୁଇଟି ରଣକୌଶଳକୁ ଆପଣାଇ ମୁଖ୍ୟସ୍ରୋତ ଅର୍ଥବ୍ୟବସ୍ଥା ପାଇଁ ଗରୀବ ସ୍ୱ-ରୋଜଗାରୀ ମହିଳାମାନଙ୍କୁ ଏକତ୍ରୀତ କରୁଛି। **ସେୱା** ଗରିବ ମହିଳାମାନଙ୍କର ପୂର୍ଣ୍ଣ ରୋଜଗାରର ସୁରକ୍ଷା ଓ ଆତ୍ମନିର୍ଭରଶୀଳତା ପାଇଁ ତାର ପରିସରଭୂକ୍ତ କରି କାର୍ଯ୍ୟ କରୁଛି। ସେୱାର ପଥରୋଧ ଅବଦାନ ଅସୁରକ୍ଷିତ ଧାରରେ ଥିବା ସ୍ୱ-ରୋଜଗାରୀ ମହିଳା ମାନଙ୍କୁ ପୁନଃରୁଦ୍ଧାର ପାଇଁ ଉଧାର କରିବା ପାଇଁ ପ୍ରୟାସ କରୁଛି। ସେୱାସ୍ୱ-ରୋଜଗାରୀ ମହିଳା ମାନଙ୍କର କର୍ମଧନ୍ଦାକୁ ଚୀରସ୍ଥାୟୀତ୍ୱ କରିବା ପାଇଁ ଅଂଶ ପ୍ରଦାନ କରୁଛି ଯାହା ତାଙ୍କର ସାମାଜିକ ଓ ଆର୍ଥିକ ଜୀବନ ଶୈଳୀକୁ ସୁରକ୍ଷିତ ରଖୁଛି। ଆମେ ସେୱା ବ୍ୟାଙ୍କର ଦୃଶ୍ୟମାନ ଭୂମିକାକୁ ସ୍ପଷ୍ଟ କରିଛୁ ଏବଂ ଏହାର ନୂଆ ଭାବନାରେ ଆଦୃତ ସମନ୍ୱୀତ ପ୍ରଣାଳୀ ଗରୀବ ସ୍ୱ-ରୋଜଗାରୀ ମହିଳାଙ୍କ କ୍ଷୁଦ୍ରଋଣ ପ୍ରଦାନରେ ସହାୟତା ହେଉଛି। ଆମେ ସ୍ପଷ୍ଟ କରିଛୁ ପ୍ରଦାନ (ପ୍ରଦାନ)ର କାର୍ଯ୍ୟକ୍ରମ ଉପରେ - ଏହାଗୋଟିଏ ମଧ୍ୟମ ଧରଣର ଏନ୍‌ଜିଓ ଯାହା**ଭିଓ** ମାନଙ୍କର ରହସ୍ୟକୁ ବାହାର କରିବା ପାଇଁଚେଷ୍ଟା କରୁଛି : ଗ୍ରାମାଞ୍ଚଳ ଗୋଷ୍ଠୀ ମାନଙ୍କର ଲାଭ/ଉପକାର ପାଇଁ ଆଦର୍ଶ ପ୍ରୟୋଗ ବିଜ୍ଞାନ ଦ୍ୱାରା ସଫଳ ହେଉଛି। ଏହାର କାର୍ଯ୍ୟ ଅନୁଭୂତି ଗୋଷ୍ଠୀ, ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ, ରାଜ ଏବଂ ଅନ୍ୟାନ୍ୟ ବିକାଶ କାର୍ଯ୍ୟାଳୟ/ଅନୁଷ୍ଠାନ ମଧରେ ସମୁଖିନ ହେଉଛି। ପ୍ରଦାନ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରଣାଳୀ ସ୍ୱତନ୍ତ୍ର ଆଦର୍ଶର ରୂପରେଖା ଏବଂ ଭାବନାରେ ଏହା ଉଚ୍ଚତର ଯେ, ଏହାର ସମ୍ବେଦନଶୀଳତାକୁ ପ୍ରକାଶ କରିପାରିଛି ଏବଂ ଗ୍ରାମ୍ୟ ସମାଜର ଅବହେଳିତ ଗୋଷ୍ଠମାନଙ୍କ ମଧରେ ଥିବା ଅଦରକାରୀ ଲୋକଙ୍କ ପାଖରେ ପହଞ୍ଚିବାକୁ ପ୍ରୟାସ କରୁଛି। ଉଦାହରଣ ସ୍ୱରୂପ ଚମଡ଼ା କାରିଗର, ଗରିବ ଦଳିତ, ଆଦିବାସୀ, ମହିଳା ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଆମେ ପ୍ରଦାନର କାର୍ଯ୍ୟକ୍ରମ ଉପରେ ସ୍ପଷ୍ଟ କରିଛୁ ଏବଂ ତାହା ତିନୋଟି ଭାଗରେ ବିଭାଜନ କରିଛୁ। ଯଥା-ଟସର୍‌ର ବିକାଶ, ଛତୁ ଉତ୍ପାଦନ, ପ୍ରୟୋଗ ବିଜ୍ଞାନରେ ଥିବା ରହସ୍ୟକୁ ଦୂର କରିବା। ସାମାଜିକ କାର୍ଯ୍ୟ ଏବଂ ଗବେଷଣା କେନ୍ଦ୍ର ରାଜସ୍ଥାନର ତିଲୋନିଆ ଗ୍ରାମାଞ୍ଚଳ ଗୋଷ୍ଠୀ ଗୁଡ଼ିକକୁ ଚିରସ୍ଥାୟୀ ବିକାଶ ଆଣିବାରେ ସହାୟତା ଯୋଗାଇଥିବାରୁ କୃତଜ୍ଞତା ହାସଲ କରିପାରିଛି। ଆମେ ସ୍ପଷ୍ଟ କରିଛୁଯେ, ବେଆରଫୁଟ କଲେଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ତିଲୋନିଆ ଗୋଷ୍ଠୀ ମଧରେ ଫଳପ୍ରଦ ଅଦୃଷ୍ଟପୂର୍ବ ସୁସଂଗଠନ ଆରମ୍ଭ ହୋଇଛି। ଆମେ ସ୍ପଷ୍ଟ କରିଛୁ ଗ୍ରାମାଞ୍ଚଳରେ ଜଳଛାୟୀ ବିକାଶ/ପ୍ରାକୃତିକ ସମ୍ବଳ ପରିଚାଳନାରେ ତରୁଣ ଭାରତ ସଂଘର ଅବଦାନ ଅତ୍ୟନ୍ତ ଉତ୍ତମ ହୋଇଛି। ତରୁଣ ଭାରତ ସଂଘ ସଫଳତାର ସହିତ ଗ୍ରାମାଞ୍ଚଳ ଗୋଷ୍ଠୀମାନଙ୍କ ମଧରେ ସାମାଜିକ, ଅର୍ଥନୈତିକ ଉନ୍ନତି, ଆତ୍ମନିର୍ଭରଶୀଳତା ଓ ଏକତା ଆଣିବାରେ ସକ୍ଷମ ହୋଇପାରିଛନ୍ତି। ତରୁଣ ଭାରତ ସଂଘର ଅବାଞ୍ଛନୀୟ କାର୍ଯ୍ୟ ଜଳ ସଂରକ୍ଷଣ ଓ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ଦଳ ଉପରେ ଅଧିକାରକୁ ପୁନଃସ୍ଥାପିତ କରି ଜାତୀୟସ୍ତର ଆନ୍ଦୋଳନର ଶେଷ ସୀମାରେ ପହଞ୍ଚି ପାରିଛି।

**ସ୍ତର–୨ : ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ** ଦୃଷ୍ଟିରେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ** ଦଳ ଓ ଦଳ ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ଦେବାରେ ଲିଙ୍ଗ ବିଭେଦତା ଉପରେ ସଚେତନ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଯାହାହେଉ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ** ଆବଶ୍ୟକ ଅନୁଯାୟୀ ସିଧା ସଳଖ ଭାବେ ହସ୍ତକ୍ଷେପ କରୁଚି ଏବଂ ଦଳ ସମୃଦ୍ଧିର ପ୍ରଣାଳୀରେ ସହାୟତାଦେଉଛି। ଯଦ୍ୱାରାସ୍ୱୟଂ ସହାୟକ ଦଳର ବୈଠକରେ ଉପସ୍ଥିତ ହେବାପାଇଁ ହସ୍ତକ୍ଷେପ କରୁଛି। ବିଷୟବସ୍ତୁ ବିଶେଷଜ୍ଞ, ସଂପଦ ମାଲିକ ଏବଂ ଗ୍ରାମ୍ୟ ବିଶେଷଜ୍ଞ ମାନେ ପ୍ରଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛନ୍ତି।

**ସ୍ତର–୩ ପ୍ରତ୍ୟାହାର:** ୧୫ ରୁ ୩୬ ମାସ, ହସ୍ତକ୍ଷେପକାରୀଗଣ ଆରମ୍ଭରୁ ପ୍ରତ୍ୟାହାର ଯୋଜନାକୁ ସମ୍ମନ୍ୱିତ ପାଇଁ ଆବଶ୍ୟକ କରନ୍ତି ଯଦ୍ୱାରା ହସ୍ତକ୍ଷେପର ସହାୟତା ଲୋକ ସଂଗଠନ ଅନୁଷ୍ଠାନ ଗୁଡ଼ିକ ଆତ୍ମନିର୍ଭରଶୀଳ ହୋଇ ପାରିବ ଏବଂ ଅନ୍ୟ ଉପରେ ନିର୍ଭର କରିବା କମିଯିବ। ପ୍ରତ୍ୟାହାର ଅଥିକ ସ୍ପର୍ଶନୀୟ ଓ ଗ୍ରହଣୀୟ ହୁଏ ବୃହତ୍ ଆକାର ହସ୍ତକ୍ଷେପ ପରେ ଦଳର ଦର୍ଶନୀୟ ଲକ୍ଷଣ ଗୁଡ଼ିକ ୧୫ ମାସ ଭିତ୍ତିରେ ପ୍ରଦର୍ଶିତ ହେବାପରେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ପ୍ରତ୍ୟାହାର ପାଇଁ ଆଶା କରେ ଯାହାସ୍ତର-୨ ର ଶେଷ ଭାଗରେ ତାଲିକାଭୁକ୍ତ କରାଯାଇଛି ଏବଂ ଯାହା ୧୫ ରୁ ୨୦ ମାସ ଦଳ ଚିହ୍ନଟକରଣ ହେବାପରେ ଲକ୍ଷଣ ଗୁଡ଼ିକ ପ୍ରଦର୍ଶିତ ହୁଏ। ଦଳ ସଂଗଠନ ପରିଚାଳନା ଭୂମିକା ଗ୍ରହଣ ପରେ ହସ୍ତକ୍ଷେପକାରୀ କାଙ୍କ ସାପ୍ତାହିକ ଦଳ ବୈଠକରେ ଉପସ୍ଥାପନାକୁ କମେଇ ଦିଏ। ତାପରେ ଦଳ ଆବଶ୍ୟକ ପ୍ରକାରେ ଭରଣ ପୋଷଣ ସେବା ଦେବା ଆରମ୍ଭ କରେ। ଉଦାହରଣ ସ୍ୱରୂପ, ବୈଠକ ବିବରଣୀ ଲେଖିବା ଓ ଟଙ୍କା ପଇସାର ହିସାବ ରଖିବା ପାଇଁ ଦଳ ଜଣକୁ ତାର ପ୍ରାପ୍ୟ ଅର୍ଥ ଦିଏ। **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ**ଏହାର ହିସାବ କିତାବର ବାର୍ଷିକ ଅଡିଟ୍ ପାଇଁ ସେବା ଯୋଗାଉ ଥିବା ଯେଉଁ ପର୍ଯ୍ୟନ୍ତ ଏ ସମସ୍ତସେବା ତାଙ୍କ ନିଜ ଇଚ୍ଛାରେ କିଣିବା ପାଇଁ ସକ୍ଷମ ହୋଇପାରି ନାହାନ୍ତି। ଜଟିଳ ପରିସ୍ଥିତିକୁ ଦଳ ସମାଧାନ କରିବା ପାଇଁ ଅକ୍ଷମ ହୁଏ। ସେହି କ୍ଷେତ୍ରରେ NGO ଅନୁରୋଧକୁ ଗ୍ରହଣ କରି ହସ୍ତକ୍ଷେପ ମଧ୍ୟରେ ସଂପଦ ପରିଚାଳନା ଓ ଉତ୍ପାଦନ ପାଇଁ ବୈଷୟିକ ବା ପ୍ରଯୁକ୍ତି ବିଦ୍ୟାସେବା, ସମସ୍ତ ଅଣକୃଷି ଭିତ୍ତିକ କାର୍ଯ୍ୟକ୍ରମ ମୁଖ୍ୟତଃ ତାର ରୂପାଙ୍କନ, ଗୁଣାତ୍ମକ ଓ ବଜାରୀକରଣ ଉପରେ ହସ୍ତକ୍ଷେପ। ଏ ସମସ୍ତସେବା ସ୍ଥାନୀୟ କେୟାର ଫୁଟ୍ ବିଶେଷଜ୍ଞ, ଆଂଶିକ ଭାବେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** କର୍ମଚାରୀ କିମ୍ବା ପରାମର୍ଶଦାତାଙ୍କ ଦ୍ୱାରା ପ୍ରଦାନ କରାଯାଏ। ନିମ୍ନକ୍ଷେତ୍ରରେ ଯଥା- ପଶୁପାଳନ, କୃଷି, ରେଶମ ଚାଷ ଏବଂ ଉଦ୍ୟାନ କୃଷି (ଯାହାର ସେବା ପାଇଁ ଦଳର ସଭ୍ୟମାନେ ତାଙ୍କର ସଞ୍ଚୟ ପାଣ୍ଠିରୁ କିମ୍ବା ଦଳ ଠାରୁ ଋଣ ନେଇ) ଅର୍ଥ ପ୍ରଦାନର କ୍ଷମତା ଉପରେ ନିର୍ଭର କରେ। ଏହି କାର୍ଯ୍ୟକାଳ ମଧ୍ୟରେ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସି** ଏବଂ ସ୍ୱୟଂ ସହାୟକ ଦଳ ଗୁଡ଼ିକ ସର୍ବୋଚ୍ଚ ବୋର୍ଡ଼ ଗୁଡ଼ିକୁ ଜୀବନସାର ଦେଇ ଆବିର୍ଭୁତ କରିବାକୁ ଚେଷ୍ଟା କରେ କିନ୍ତୁ ଏବଲି ବୋର୍ଡ଼ଗୁଡ଼ିକର ଆବଶ୍ୟକତା ଓ କାର୍ଯ୍ୟ ଉଦ୍ଦେଶ୍ୟ ଦଳର ନିଷ୍ପତି ଉପରେ ରହିବା ଉଚିତ୍। ସର୍ବୋଚ୍ଚ ବୋର୍ଡ଼ ଗୁଡ଼ିକର ଅନୁଭୂତିରୁ ଜଣା ପଡୁଛି ଯେ, ସେମାନେ ରାଜନୀତି ଉପରେ ପ୍ରଭାବ ପକାଇବା ପାଇଁ ଦୁର୍ବଳ ଅଟନ୍ତି କିମ୍ବା ରାଜନୀତି ପଦବି ପାଇଁ ପଦକ୍ଷେପକୁ ବ୍ୟବହାର କରନ୍ତି ନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ସର୍ବୋଚ୍ଚ ବଡି ଗୁଡ଼ିକ ଗୁଡ଼ିକ ହେଉଛନ୍ତି ପରିଶେଷରେ ସ୍ୱୟଂ ସହାୟକ ଦଳଗୁଡ଼ିକୁ ନଷ୍ଟ କରି ଦିଅନ୍ତି। ଏହା ଯତ୍ନନେବା ଉଚିତ୍ ଯେ, ସର୍ବୋଚ୍ଚ ବଡି

ଗୁଡ଼ିକ ଗଠନ ହେବା ପୂର୍ବରୁ ତାଙ୍କ କାର୍ଯ୍ୟଭାରକୁ ନିୟନ୍ତ୍ରଣ ଖରିବା ପାଇଁ ଦଳ ଗୁଡ଼ିକ ଯଥେଷ୍ଟ ଶକ୍ତିଶାଳୀ ହେବା ଉଚିତ୍। କେତେକ ପ୍ରକଳ୍ପ କ୍ଷେତ୍ରରେ ସର୍ବୋଚ୍ଚ ବୋର୍ଡ଼ର କାର୍ଯ୍ୟ ତଦାରଖ କରିବା ପାଇଁ ଦଳକୁ ସୀମିତ ରଖାଯାଇଛି ଏବଂ ସମସ୍ୟା ସମାଧାନର ସାହାଯ୍ୟ ପାଇଁ ସେମାନେ ସର୍ବୋଚ୍ଚ ବୋର୍ଡ଼କୁ କୌଣସି ଆର୍ଥିକ ସହାୟତା ଦେବାକୁ ମନା କରୁଛନ୍ତି କିମ୍ବା ସମ୍ବଳକୁ ନିୟନ୍ତ୍ରଣ କରିବା ପାଇଁ ତାଙ୍କର କାର୍ଯ୍ୟ କ୍ଷମତାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ସର୍ବୋଚ୍ଚ ବଡ଼ି ଗୁଡ଼ିକର ଯେଉଁଠି ପାଣି ମହଜୁଦ୍ ଅଛି, ତାହା ନିୟମିତ ଅଡିଟ୍ କରିବା ପାଇଁ ଯତ୍ନନେବା ଉଚିତ୍। ଏହି ସମୟରେ **ମାଇସୋର ପୁନଃ ସ୍ଥାପନ ଏବଂ ବିକାଶ ଏଜେନ୍ସିର** ସାହାଯ୍ୟକାରୀ ଭୂମିକା ହ୍ରାସ ପାଏ। ଯାହାହେଉ ଆମେ ଆବଶ୍ୟକ କରୁ ଏବଂ ନିଶ୍ଚିତ କରୁ ନିୟମିତ ସାକାରାତ୍ମକ ପ୍ରସ୍ତାବ ରଖୁ ଏବଂ ତଥ୍ୟଗୁଡ଼ିକୁ ବିଶ୍ଲେଷଣ କରୁ, ତାକୁ ଭିତ୍ତି କରି ସ୍ୱୟଂ ସହାୟକ ଦଳର ଆର୍ଥିକ ପରିଚାଳନାର ଧାରା ଚିହ୍ନଟ କରୁ। "Blue Book"ରେ ଏ ସଂପର୍କିତ ନୀତି ନିୟମ ଦିଆଯାଇଛି, ଯାହା ସଂଚୟର ପରିଚାଳନା ଦଳର ସାଧାରଣ ପାଣ୍ଠି, ଋଣ, ନଥିପତ୍ର ଏବଂ ଅଡିଟ୍ ଉପରେ ସଂପର୍କିତ। ଏହା ସ୍ୱୟଂ ସହାୟକ ଦଳ କାର୍ଯ୍ୟ ସମ୍ପାଦନର ମୂଖ୍ୟ ସଂକେତ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ସାହାଯ୍ୟ କରୁଛି ଏବଂ **ମାଇସୋର ପୁନଃସ୍ଥାପନ ଏବଂ ବିକାଶ ଏଜେନ୍ସିର** ସମସ୍ତ ପ୍ରକଳ୍ପରେ ଦଳ ଗୁଡ଼ିକ ନିୟମିତ ବ୍ୟବହାର କରିବା ଉଚିତ୍ ଯାହା ଫଳରେ ପ୍ରତ୍ୟେକ ଦଳର କାର୍ଯ୍ୟକୁ ନିର୍ଦ୍ଧାରଣ ବା ମୂଲ୍ୟାଙ୍କନ କରିହେବ ଏବଂ ଯେଉଁ ଗୁଡ଼ିକ ଦୁର୍ବଳ ଅଟନ୍ତି ସେଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କରାଯିବ।

## ୨.୧୪ ସହାୟକ ଗ୍ରନ୍ଥସୂଚୀ

Dantwala, M.L., Harsh Sethi and Pravin Visaria (ed.), Social Change Through Voluntary Action, New Delhi: Sage Publications, 1998. Farrington, J. and David J. Lewis (ed.), Non –Governmental Organisations and the State in Asia, London: Routeledge, 1993, Krishna, Anirudh, Norman Uphoff and Millton, J.Esman, Reasons for Hope: Instructive Experiences in Rural Development, West Hartford: Kumarian Press, 1998, Nanavatty, C.Meher and P.D.Kulkarni, NGOs in the Changing Scenario, New Delhi: Uppal Publishing House, 1998. Prasad, Kamita, and Davinder K.Madaan (ed.) NGOs and Socio – Economic Development Opportunities, New Delhi: Deep & Deep Publications Pvt. Ltd.2000. Roy, S.Bunker, Technology, Tradition and the Barefoot College http:llwww.literacyonline.org/

National Water Awareness Campaign: Rashtriya Jal Chetna Yatra (phase – I to VII), 23 Dec, 2002 to May 2004, Bheekampura: TBS,Rajasthan.

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in